ବିଦ୍ୟାଳୟ ନେତୃତ୍ୱ

TESS India

# ଶିକ୍ଷଣ ଓ ଶିକ୍ଷାଦାନ ପ୍ରକ୍ରିୟାର ରୁପାନ୍ତରଣ : ଶିକ୍ଷକଙ୍କ ବୃତ୍ତିଗତ ବିକାଶରେ ନେତୃତ୍ୱ

## Transforming teaching-learning process: leading teachers' professional development





ଭାରତରେ ବିଦ୍ୟାଳୟ ଭିତ୍ତିକ ସହାୟତା ମାଧ୍ୟମରେ ଶିକ୍ଷକ ଶିକ୍ଷା

www.TESS-India.edu.in

The Open University

UKaid from the British people

CC BY SA
http://creativecommons.org/licenses/

ଏହି ବିଦ୍ୟାଳୟ ନେତୃତ୍ୱ ସମ୍ବନ୍ଧୀୟ ମୁକ୍ତ ଶିକ୍ଷଣ ସମ୍ବଳଟି ଟେସ୍ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ ହୋଇଥିବା 'ବିଦ୍ୟାଳୟ ନେତୃତ୍ୱ' ସମ୍ବନ୍ଧୀୟ ୨୦ଟି ପୁସ୍ତିକା ମଧ୍ୟରୁ ଅନ୍ୟତମ। ଏହି ପୁସ୍ତିକାଗୁଡ଼ିକ ବିଦ୍ୟାଳୟରେ ନେତୃତ୍ୱ ନେଉଥିବା ଶିକ୍ଷକ ଶିକ୍ଷୟତ୍ରୀଙ୍କ ଶିକ୍ଷଣ ଓ ବୃତ୍ତିଗତରେ ଉନ୍ନତି ଆଣି ଶ୍ରେଣୀ କକ୍ଷରେ ପାଠପଢାରେ ସହାୟତା କରିବ। ଏହି ପୁସ୍ତିକାଗୁଡ଼ିକ ବିଭିନ୍ନ ସିଦ୍ଧାନ୍ତ ଓ ପରିଚାଳନା ସମ୍ବନ୍ଧୀୟ ଅଭିଜ୍ଞତାକୁ ଭିତ୍ତିକରି ପ୍ରସ୍ତୁତ କରାଯାଇଛି। ଏହି ପୁସ୍ତିକାରେ ଦିଆଯାଇଥିବା ତଥ୍ୟକୁ ବିଦ୍ୟାଳୟର ନେତୃତ୍ୱ, ଶିକ୍ଷକ ଓ ସହାୟକ କର୍ମୀମାନେ ଅଭ୍ୟାସରେ ଆଣିଲେ ବିଦ୍ୟାଳୟରେ ସାମୁହିକ ଉନ୍ନତି ଆସିପାରିବ। ଏହି ପୁସ୍ତିକାଗୁଡ଼ିକ ପଠନ ପାଇଁ ଏକ ବିଦ୍ଧିବଧ ଖସଡା ପ୍ରସ୍ତୁତ କରିବାର ଆବଶ୍ୟକତା ଯଦିଓ ନାହିଁ ତଥାପି "ବିଦ୍ୟାଳୟର ମୁଖ୍ୟ ଜଣେ ସାମର୍ଥ୍ୟକାରୀ" ପୁସ୍ତିକାରୁ ପଠନ ଆରମ୍ଭ କରାଯାଇପାରେ। ଏହି ପୁସ୍ତିକାଗୁଡ଼ିକ ନିଜସ୍ୱ ପଠନ ପାଇଁ ଉଦ୍ଦିଷ୍ଟ ଓ ଏହାକୁ ନିଜର ପାଠାଗାରାରେ ରଖାଯାଇପାରେ। ଏହି ପୁସ୍ତିକାଗୁଡିକ ବିଦ୍ୟାଳୟ ନେତୃତ୍ୱ ନେଉଥିବା ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ, ଉପ ପ୍ରଧାନ ଶିକ୍ଷକ କିମ୍ବା ଅନ୍ୟ ଶିକ୍ଷକ ଯେଉଁମାନେ ବିଦ୍ୟାଳୟ ନେତୃତ୍ୱରେ ସାମିଲ ଅଛନ୍ତି ସେମାନଙ୍କ ପାଇଁ ଉଦ୍ଦିଷ୍ଟ।

ଭାରତରେ ବିଦ୍ୟାଳୟ ଭିତ୍ତିକ ସହଯୋଗ ମାଧ୍ୟମରେ ଶିକ୍ଷକ ଶିକ୍ଷା (ଟେସ-ଇଣ୍ଡିଆ) କାର୍ଯ୍ୟକ୍ରମ ଶିକ୍ଷକମାନଙ୍କୁ 'ମୁକ୍ତ ଶୈକ୍ଷିକ ସଂବଳ' ମାଧ୍ୟମରେ ଶିକ୍ଷାର୍ଥୀ କୈନ୍ଦ୍ରିକ, ସହଭାଗୀ ଶିକ୍ଷାପଦ୍ଧତିଗୁଡ଼ିକର ବିକାଶ କରିବାରେ ସହାୟତା ଦେବା ସହ ଭାରତରେ ଥିବା ପ୍ରାରମ୍ଭିକ ଓ ମାଧ୍ୟମିକ ଶିକ୍ଷକମାନଙ୍କ ଶ୍ରେଣୀଗୃହରେ କାର୍ଯ୍ୟଧାରା ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି । ଟେସ୍-ଇଣ୍ଡିଆର ଏହି 'ମୁକ୍ତ ଶୈକ୍ଷିକ ସଂବଳ' ଶିକ୍ଷକମାନଙ୍କ ପାଇଁ ବିଦ୍ୟାଳୟ ପାଠ୍ୟପୁସ୍ତକର ଏକ ସହଯୋଗୀ ଅଟେ । ଏଗୁଡ଼ିକ, ଅନ୍ୟ ଶିକ୍ଷକମାନେ ପ୍ରସଙ୍ଗଟିକୁ କିପରି ପଢ଼ାଇଛନ୍ତି ତାହା ପ୍ରଦର୍ଶନ କରିବା ସହ ଶ୍ରେଣୀଗୃହରେ ଶିକ୍ଷାର୍ଥୀମାନଙ୍କ ସହ ପ୍ରାକ୍ ପରୀକ୍ଷଣ ପାଇଁ ଶିକ୍ଷଣକାର୍ଯ୍ୟମାନ ଯୋଗାଇ ଦେଇଥାଏ । ଏହା ବ୍ୟତିତ ଶିକ୍ଷକମାନଙ୍କୁ ସେମାନଙ୍କ ପାଠ ଯୋଜନା ଏବଂ ବିଷୟଗତ ଜ୍ଞାନର ଅଭିବୃଦ୍ଧି ପାଇଁ ଏହା ସଂଯୋଗ ସ୍ଥାପନ କରେ ।

ଟେସ୍-ଇଣ୍ଡିଆର 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ଭାରତୀୟ ପାଠ୍ୟ ଖସଡ଼ା ଓ ପରିପେକ୍ଷୀ ଅନୁଯାୟୀ ଉଭୟ ଭାରତୀୟ ଓ ଆର୍ନ୍ତଜାତୀୟ ଲେଖକମାନଙ୍କ ସହଭାଗୀତାରେ ପ୍ରସ୍ତୁତ । ଏହା ଉଭୟ ଅନ୍‌ଲାଇନ ଓ ମୁଦ୍ରିତ ଭାବେ ବ୍ୟବହାର ପାଇଁ ଇଣ୍ଟରନେଟ୍ (http://www.tess-india.edu.in/) ରେ ଉପଲବ୍ଧ । 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ବିଭିନ୍ନ ଭାଷାରେ ଅନୁବାଦ କରାଯାଇ ଉପଲବ୍ଧ କରାଯାଇଛି ଓ ଟେସ୍-ଇଣ୍ଡିଆର କାର୍ଯ୍ୟକ୍ରମ ଚାଲୁଥିବା ଭାରତୀୟ ରାଜ୍ୟଗୁଡ଼ିକ ପାଇଁ ଉପଯୁକ୍ତ ଅଟେ । ଏହାର ବ୍ୟବହାରକାରୀମାନଙ୍କୁ ସ୍ଥାନୀୟ ପ୍ରାସଙ୍ଗିକତା ଓ ଆବଶ୍ୟକତାକୁ ଭରଣା କରିବା ନିମିତ୍ତ ସ୍ଥାନୀୟକରଣ କରି ଗ୍ରହଣ କରିବାକୁ ଆମନ୍ତ୍ରିତ କରାଯାଇଛି । ଟେସ୍-ଇଣ୍ଡିଆ ଭାରତ ଓ ଯୁକ୍ତରାଜ୍ୟ ସରକାରଙ୍କ ମିଳିତ କାର୍ଯ୍ୟକ୍ରମର ଏକ ଅଂଶ ଓ ଯୁକ୍ତରାଜ୍ୟ ର ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ।

### ଭିଡ଼ିଓ ସମ୍ବଳ ସମୂହ

ଏହି ଏକକରେ କେତେକ କାର୍ଯ୍ୟମାନ ସଙ୍କେତ ସହ ସମ୍ମିଳିତ କରାଯାଇଛି । ଟେସ-ଇଣ୍ଡିଆର 'ଭିଡ଼ିଓ ସମ୍ବଳ ସମୂହ' ଶିକ୍ଷା ତତ୍ତ୍ୱ ଆଧାରିତ । ଏଥିରେ ଥିବା ଭିଡ଼ିଓଗୁଡ଼ିକ ନିର୍ଦ୍ଦିଷ୍ଟ ବିଷୟ ପାଇଁ ଭାରତୀୟ ଶ୍ରେଣୀଗୃହ ପରିପ୍ରେକ୍ଷୀରେ ପଢ଼ାଇବାର କୌଶଳଗୁଡ଼ିକୁ ସଚିତ୍ର ବର୍ଣ୍ଣନା କରିଛି। ଆମେ ଆଶାକରୁ ଯେ ଏଗୁଡ଼ିକ ଆପଣମାନଙ୍କୁ ଅନୁରୂପ କାର୍ଯ୍ୟଧାରାଗୁଡ଼ିକର ପରୀକ୍ଷଣ ନିମିତ୍ତ ଅନୁପ୍ରେରିତ କରିବ । ଏହିସବୁ ଆପଣଙ୍କ ଦ୍ୱାରା କରାଯାଉଥିବା ପାଠ୍ୟପୁସ୍ତକ ଆଧାରିତ କାର୍ଯ୍ୟଗୁଡ଼ିକର ଅଭିଜ୍ଞତା ବୃଦ୍ଧି କରିବା ନିମିତ୍ତ ଅଭିପ୍ରେରିତ। ଟେସ୍-ଇଣ୍ଡିଆ ଭିଡ଼ିଓ ସମ୍ବଳ ସମୂହ ଅନ୍‌ଲାଇନ୍‌ରେ http://www.tess-india.edu.in/) ଉପଲବ୍ଧ ଓ ଡାଉନ୍‌ଲୋଡ୍ କରାଯାଇପାରିବ। ଆପଣମାନେ ଏହି ଭିଡ଼ିଓଗୁଡ଼ିକୁ ସି.ଡ଼ି. ବା ମେମୋରୀ କାର୍ଡ଼ ମାଧ୍ୟମରେ ବ୍ୟବହାର କରି ପାରିବେ ।

ଓଡ଼ିଆ ସଂକଳନ 1.0 ବିଦ୍ୟାଳୟ ନେତୃତ୍ୱ 08
Odisha

ଏହି ସଂକରଣଟି 'ଟେସ୍ ଇଣ୍ଡିଆର ମୁକ୍ତ ଶିକ୍ଷା ସମ୍ବଳ'ର ବିଦ୍ୟାଳୟ ନେତୃତ୍ୱ ସଂକଳନର ଏକ ଭାଗ ଅଟେ। ମୂଳ ଇଂରାଜୀ ଲେଖାକୁ ଡକ୍ଟର ମମତା ସ୍ୱାଇଁ ଓଡ଼ିଆ ଭାଷାରେ ଭାଷାନ୍ତର କରିଛନ୍ତି। ଏହି ସଂକଳନରେ ବ୍ୟବହୃତ ହୋଇଥିବା ତୃତୀୟ ପକ୍ଷ ସାଧନ ବ୍ୟତୀତ ଅନ୍ୟ ସମସ୍ତ ସମ୍ବଳ / ଲେଖ http:// creativecommons.org/ licenses/by-sa/3.0/ ରେ ମୁକ୍ତ ବ୍ୟବହାର ପାଇଁ ଉପଲବ୍ଧ ଅଟେ।

TESS-India is led by The Open University UK and funded by UK aid from the UK government

## ଏହି ଏକକରେ କ'ଣ ଅଛି

ଶିକ୍ଷକ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ଆଧାର, ବୃତ୍ତିଗତ ଶ୍ରମଶକ୍ତି ସଂଖ୍ୟାର ବିକାଶ ଦିଗରେ ଗୁରୁତ୍ୱାରୋପ କରୁଛି । ବୃତ୍ତିଗତ ବିକାଶ ପ୍ରକ୍ରିୟା ଏକ ଜୀବନବ୍ୟାପୀ ପ୍ରକ୍ରିୟା ଅଟେ ଏବଂ ପେସାଦର ଆଚରଣ ବୃଦ୍ଧି ପ୍ରକ୍ରିୟାର ଏକ ମୁଖ୍ୟ ଉପାଦାନ ଅଟେ । ଜିଲ୍ଲା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ (ଡ଼ି.ପି.ଇ.ପି) ଏବଂ ସର୍ବ ଶିକ୍ଷା ଅଭିଯାନ (ଏସ୍.ଏସ.ଏ.) ଆଞ୍ଚଳିକ ସାଧନ କେନ୍ଦ୍ର ଓ ଗୋଷ୍ଠୀ ସାଧନ କେନ୍ଦ୍ର ମାଧମରେ ରାଷ୍ଟ୍ରୀୟସ୍ତ କ୍ଷେତ୍ର ପାଇଁ କାର୍ଯ୍ୟ କରୁଥିବା ଶିକ୍ଷକଙ୍କ ବୃତ୍ତିଗତ ବିକାଶ ପାଇଁ ଅନେକ କାର୍ଯ୍ୟ ଗ୍ରହଣ କରିଛନ୍ତି । ଏହା ସହିତ ଶିକ୍ଷାର ଅଗ୍ରଣୀ ପ୍ରତିଷ୍ଠାନ, ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ କେତେକ ବେସରକାରୀ ସଂସ୍ଥା ଶିକ୍ଷକଙ୍କୁ ବିଭିନ୍ନ ପ୍ରକାର ସେବାକାଳିନ ତାଲିମ ପ୍ରଦାନ କରୁଛନ୍ତି । କେବଳ ତାଲିମ ଗ୍ରହଣ ଦ୍ୱାରା ଶିକ୍ଷକଙ୍କ ବୃତ୍ତିଗତ ବିକାଶ ଘଟିବ ନାହିଁ, ମାତ୍ର ବିଭିନ୍ନ ପ୍ରକାର କର୍ମଶାଳା, ଆଞ୍ଚଳିକ ସାଧନ କେନ୍ଦ୍ର ବୈଠକ, ବିଦ୍ୟାଳୟ ବାରଣ୍ଡାର ବାର୍ତ୍ତାଳାପ, ଦଳଗତ କାର୍ଯ୍ୟ ଇତ୍ୟାଦି ଦ୍ୱାରା ବିକାଶ ସମ୍ଭବ ।

ବିଦ୍ୟାଳୟର ମୁଖ୍ୟଙ୍କ ନେତୃତ୍ୱ ଭୂମିକାରେ ସ୍ପଷ୍ଟଭାବେ କୁହାଯାଇଛି ଯେ, ଶିକ୍ଷକଙ୍କୁ ସେମାନଙ୍କ କାର୍ଯ୍ୟ ଅଭ୍ୟାସରେ ଉନ୍ନତି ଆଣିବା ପାଇଁ ସମର୍ଥ କରାଇବାକୁ ସହାୟତା ପ୍ରଦାନ କରିବେ । ବିଦ୍ୟାଳୟରେ ବିଭିନ୍ନ ପ୍ରକାର ସମସ୍ୟା ହେତୁ ଏହି ସବୁ କାର୍ଯ୍ୟ ସିଧାସଳଖ ସଂପନ୍ନ ହୋଇପାରି ନ ଥାଏ କାରଣ ବିଦ୍ୟାଳୟର ଆର୍ଥିକ ପରିସ୍ଥିତି ସୁଦୃଢ଼ ନୁହଁ ମାତ୍ର ବିଦ୍ୟାଳୟ ରଣକୌଶଳ ଦ୍ୱାରା ଶିକ୍ଷକଙ୍କ କାର୍ଯ୍ୟ ଦକ୍ଷତାକୁ ବୃଦ୍ଧି କରିବା ପାଇଁ ସୁଯୋଗ ରହିଛି, ଯାହା ଏହି ଏକକର ମୁଖ୍ୟ ଆଲୋଚ୍ୟ ବିଷୟ ଅଟେ ।

### ଶିକ୍ଷଣ ଡାଏରୀ

ଏହି ଏକକରେ, କାର୍ଯ୍ୟ କରିବା ସମୟରେ ଆପଣଙ୍କ ଶିକ୍ଷକ ପୁସ୍ତିକାରେ ତୁମର ଚିନ୍ତାଧାରା ଓ ଯୋଜନାକୁ ଗୋଟିଏ ସ୍ଥାନରେ ଲିପିବଦ୍ଧ କରି ରଖନ୍ତୁ । ବୋଧହୁଏ ଆପଣ ଏହି କାର୍ଯ୍ୟ ଆଗରୁ ଆରମ୍ଭ କରିସାରିଥିବେ । ଆପଣ ହୁଏତ ଏହି କାର୍ଯ୍ୟଟିକୁ ଏକା କରୁଥାଇପାରନ୍ତି, ମାତ୍ର ଆପଣଙ୍କର ଶିକ୍ଷାର ଅଭିବୃଦ୍ଧି ସେତେବେଳେ ଘଟିବ, ଯେତେବେଳେ ଆପଣ ଆପଣଙ୍କର ଶିକ୍ଷକଙ୍କ ପରିସ୍ଥିତି କିମ୍ବା ଉପଲବ୍ଧ ଶିକ୍ଷାକୁ ଅନ୍ୟ ବିଦ୍ୟାଳୟର ମୁଖ୍ୟଙ୍କ ସହିତ ଆଲୋଚନା କରିବେ । ସେହି ବିଦ୍ୟାଳୟର ମୁଖ୍ୟ ଆପଣଙ୍କର ଜଣେ ପୁରୁଣା ସହକର୍ମୀ ହୋଇପାରନ୍ତି କିମ୍ବା ନୂତନ ଭାବେ ସମ୍ପର୍କିତ ସହକର୍ମୀ ହୋଇପାରନ୍ତି ।

ଏହାକୁ ସଂଗଠିତ ଉପାୟରେ ବା ଅଣଆନୁଷ୍ଠାନିକ ଭାବରେ କରାଯାଇପାରେ । ଏହି ଧରଣର ସଭା ପାଇଁ, ପୁନଶ୍ଚ ଆପଣଙ୍କର ଦୀର୍ଘ ମିଆଦି ଶିକ୍ଷକ ଯୋଜନା ପାଇଁ ପ୍ରତ୍ୟୟ ବିଶ୍ଳେଷଣ ଏବଂ ବିକାଶ ସାଧନ ପାଇଁ ଆପଣଙ୍କର ଶିକ୍ଷକ ପୁସ୍ତିକା ସାହାଯ୍ୟ କରିବ ।

## ଏହି ଏକକରୁ ବିଦ୍ୟାଳୟର ମୁଖ୍ୟମାନେ କ'ଣ ଶିଖିବେ

- ଶିକ୍ଷକଙ୍କ ବୃତ୍ତିଗତ ବିକାଶ କିଭଳି ବିଦ୍ୟାଳୟର ଉନ୍ନତି ତଥା ଶିକ୍ଷାର୍ଥୀଙ୍କ ପ୍ରତ୍ୟାଶିତ ଫଳାଫଳ ଉପରେ ପ୍ରଭାବ ପକାଇଥାଏ ?
- କେତେକ ଧାରଣା ଆପଣଙ୍କ ଶିକ୍ଷକମାନଙ୍କୁ ସେମାନଙ୍କର ବୃତ୍ତିଗତ ବିକାଶର ଆବଶ୍ୟକତାକୁ ଆକଳନ କରିବାରେ ସାହାଯ୍ୟ କରେ ।
- ସମସ୍ତ ଶିକ୍ଷକଙ୍କ ବୃତ୍ତିଗତି ବିକାଶ ନିମନ୍ତେ ଯୋଜନା କରିବା ଓ ତଦାରଖ କରିବା ଓ କାର୍ଯ୍ୟ କରିବା ପାଇଁ ସେମାନଙ୍କୁ ସମର୍ଥ କରେଇବା ।

## ୧ ଶିକ୍ଷକଙ୍କ ବିକାଶର ସ୍ଥିତି

ଶିକ୍ଷକତା ଏକ ସ୍ଥିର ବା ନିଶ୍ଚଳ ବୃତ୍ତି ନୁହେଁ । ମାତ୍ର ଜଣେ ନିଜର ଜ୍ଞାନ, ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ବ୍ୟାପକ ଅର୍ଥନୀତିର ଚାପ ତଥା ସାମାଜିକ ପ୍ରଭାବ ମାଧମରେ ନିଜର ଶିକ୍ଷକତା ଶୈଳୀରେ ପରିବର୍ତ୍ତନ କରିପାରିବେ । ଏହାର ଅର୍ଥ ବର୍ତ୍ତମାନ ହେଉଥିବା ଅଧୁନାତକରଣ

ଓ ଶିକ୍ଷକତା ପଦ୍ଧତିର ବିକାଶ ଏବଂ ଶୈଳୀ, ଏହି ସବୁ ପରିବର୍ତ୍ତନକୁ ଗ୍ରହଣ କରିବା ପାଇଁ ଆବଶ୍ୟକ । ଶିକ୍ଷକଙ୍କ ନିକଟରେ ପରିବର୍ତ୍ତନ ପାଇଁ ସାମର୍ଥ୍ୟ ରହିବା ନିତାନ୍ତ ଆବଶ୍ୟକ ।

ଏହି କାରଣରୁ ଜାତୀୟ ପାଠ୍ୟକ୍ରମ ଆଧାର ଅନ୍ତର୍ଗତ ଶିକ୍ଷା ଶାସ୍ତ୍ର ସମ୍ବନ୍ଧୀୟ ଦୃଷ୍ଟି ଅନୁଯାୟୀ ଶ୍ରେଣୀ ଗୃହର ଶିକ୍ଷକମାନେ ହୃଦୟଙ୍ଗମ କରୁଛନ୍ତି କି ବିଦ୍ୟାଳୟର ମୁଖ୍ୟ ହେବାର ଗୁରୁ ଦାୟିତ୍ୱ ସମ୍ଭାଳିବା ଦ୍ୱାରା ଶିକ୍ଷକଙ୍କ ବୃତିଗତ ଦକ୍ଷତାର ବିକାଶ ଘଟିବ । ଜାତିୟ କାର୍ଯ୍ୟକ୍ରମ ଡ଼ିଜାଇନ ଓ ପାଠ୍ୟକ୍ରମ ଆଧାର (୨୦୧୪)ର ଧାରା ୩ ଅନୁଯାୟୀ ବିଦ୍ୟାଳୟର ମୁଖ୍ୟଙ୍କର ଦକ୍ଷତା ବୃଦ୍ଧି ଦ୍ୱାରା ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟାକୁ ଶିକ୍ଷାର୍ଥୀ କୈନ୍ଦ୍ରିକ ଓ ସୃଜନି ଶକ୍ତିର ବିକାଶ କାର୍ଯ୍ୟରେ ରୂପାନ୍ତର କରାଯାଇପାରିବ । ତେଣୁ ବିଦ୍ୟାଳୟ ମୁଖ୍ୟଙ୍କର ଯୋଜନା, ତଦାରଖ ଏବଂ ତାଙ୍କ ବିଦ୍ୟାଳୟର ସମସ୍ତ ଶିକ୍ଷକଙ୍କର ନିରନ୍ତର ବୃତ୍ତିଗତ ବିକାଶ ସାଧନାରେ ଏକ ଗୁରୁଦାୟିତ୍ୱ ରହିଛି ।

ଖ୍ରୀଷ୍ଟୋଫୋର ଦେ (୧୯୯୯)ଙ୍କ ମତରେ ଶିକ୍ଷକଙ୍କ ବୃତ୍ତିଗତ ବିକାଶ ପ୍ରକ୍ରିୟା ଏକ ଜୀବନ ବ୍ୟାପୀ ପ୍ରକ୍ରିୟା, ଯାହା ସେମାନଙ୍କର ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନ ଉପରେ ଏବଂ କାର୍ଯ୍ୟ କ୍ଷେତ୍ରର ସାମାଜିକ ପ୍ରକ୍ରିୟା ଉପରେ କେନ୍ଦ୍ରିଭୂତ ହୋଇଥାଏ । ଯଦି ଶିକ୍ଷାର୍ଥୀଙ୍କ ଭଳି ଶିକ୍ଷକ ସବୁବେଳେ ଶିକ୍ଷା ଆହରଣ କରିବେ, ତେବେ ସେ ବିଷୟରେ ଚିନ୍ତା କରିବା ବିଦ୍ୟାଳୟର ମୁଖ୍ୟଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ। ଜ୍ଞାନ ଓ ଦକ୍ଷତା ହାସଲ ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟ ସୀମାର ଆବଶ୍ୟକ ନାହିଁ ।



ଚିତ୍ର ୧: ଶିକ୍ଷକମାନେ ବିକାଶର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରୁଛନ୍ତି।

ଯଦିଓ ବୃତ୍ତିଗତ ବିକାଶ, ପାଠ୍ୟକ୍ରମର ମଧଭାଗରେ କେବେ କେବେ ଦେଖାଦିଏ, ମାତ୍ର ବିଦ୍ୟାଳୟଜନିତ ବୃତ୍ତିଗତ ବିକାଶ ଅଧିକ ସୁବିଧା ଯୋଗାଇ ଥାଏ ଅଥବା ଶିକ୍ଷକଙ୍କୁ ନିଜର ବୃତ୍ତିଗତ ବିକାଶ ଦିଗରେ ଆସୁଥିବା ସମସ୍ତ ସମସ୍ୟାରୁ ମୁକୁଳିବାରେ ସହାୟକ ହୋଇଥାଏ, କିନ୍ତୁ ପାଠ୍ୟକ୍ରମ ପରି ହୋଇ ନଥାଏ।

ଉଦାହରଣ ସ୍ୱରୂପ-

- ବ୍ୟକ୍ତିଗତ ଭାବେ ପ୍ରତ୍ୟେକ ଶିକ୍ଷକଙ୍କର ବୃତ୍ତିଗତ ବିକାଶକୁ ସମ୍ବୋଧନ କରିବା।
- ବିଦ୍ୟାଳୟର ନିର୍ଦ୍ଦିଷ୍ଟ ଆବଶ୍ୟକତା ଓ ଲକ୍ଷଣଗୁଡ଼ିକୁ ଠିକଣା କରିବା
- ବିଦ୍ୟାଳୟର ବିକାଶ ପାଇଁ କେତେକ ନିର୍ଦ୍ଦିଷ୍ଟ ଦିଗକୁ ଗୁରୁତ୍ୱ ଦେବା
- ଦଳରେ ଶିକ୍ଷକମାନେ ଏକାଠି କରିବା ଦ୍ୱାରା ସେମାନଙ୍କ ଦକ୍ଷତା ଓ ସାମାର୍ଥ୍ୟକୁ ବିକାଶ କରିବା ସହଜ
- ଶିକ୍ଷକତା ମାଧ୍ୟମରେ ଶିକ୍ଷକ ନିଜର ବୃତିଗତ ବିକାଶ ସାଧନ କରିବା ପାଇଁ ସମୟ ନିର୍ଘଣ୍ଟ ପ୍ରତି କମ ବ୍ୟାଘାତ ସୃଷ୍ଟି କରିବା ।
- ଶିକ୍ଷାର୍ଥୀଙ୍କ ଶିକ୍ଷା ପାଇଁ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା, ଯାହାଦ୍ୱାରା ଶ୍ରେଣୀଗୃହରେ ବୃତ୍ତିଗତ ବିକାଶ ସାଧନ ହୋଇପାରିବ ।
- କେତେକ ଗୁଣକୁ ନିୟନ୍ତ୍ରଣ କରିବାପାଇଁ ବିଦ୍ୟାଳୟର ମୁଖ୍ୟଙ୍କୁ ସୁବିଧା ସୁଯୋଗ ପ୍ରଦାନ ଏବଂ ବୃତ୍ତିଗତ ବିକାଶ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବା।

ଏହି ଏକକ, ଚାକିରୀରେ ଥିବା ଶିକ୍ଷକଙ୍କର, ବିଦ୍ୟାଳୟ ଆଧାରିତ କାର୍ଯ୍ୟ ଦ୍ୱାରା କିପରି ବୃତ୍ତିଗତ ବିକାଶ ସାଧନ ହୋଇପାରିବ ଏବଂ ଶିକ୍ଷାଦାନ ତଥା ବିଦ୍ୟାଳୟର ଉନ୍ନତି ସମ୍ବନ୍ଧରେ ଆଲୋଚନା କରାଯାଇଛି ।

ଶିକ୍ଷକତା କାର୍ଯ୍ୟଧାରାର ପରିବର୍ତ୍ତନ ପାଇଁ ଆପଣଙ୍କ ଚିନ୍ତାଧାରାକୁ ଖୋଜିବାରେ ସାହାଯ୍ୟ କରିବା ହେଉଛି ପରବର୍ତ୍ତୀ କାର୍ଯ୍ୟର ଲକ୍ଷ୍ୟ ଏବଂ ଏନ.ସି.ଏଫ. ଟି.ଇ. ୨୦୦୯ ର ନିୟମାନୁଯାୟୀ ବୃତ୍ତିଗତ ବିକାଶ ସାଧନ ବିଷୟ କିମ୍ବା ବିଦ୍ୟାଳୟର ବୃତ୍ତିଗତ ବିକାଶ ମଧ୍ୟରୁ କୌଣସି ଗୋଟିଏକୁ ବାଛିବାକୁ ହେବ ।

## ଶିକ୍ଷଣକାର୍ଯ୍ୟ ୧: ଏନ.ସି.ଏଫ.ଟି.ଇ ୨୦୦୯ର ପୁନରାଲୋଚନା

ଏନ.ସି.ଏଫ.ଟି.ଇ.ର ତୃତୀୟ ଅଧ୍ୟାୟରେ ବର୍ତ୍ତମାନର ଶିକ୍ଷକଙ୍କ କାର୍ଯ୍ୟଧାରା ବିଷୟରେ ବର୍ଣ୍ଣନା କରାଯାଇଛି । ଏଥିରେ ବର୍ଣ୍ଣନା କରାହୋଇଥିବା କେତେକ ଗୁଣାବଳିକୁ ତଳେ ବର୍ଣ୍ଣନା କରାଯାଇଛି । ଯେଉଁଠି ଆପଣ ବିଦ୍ୟାଳୟର ଶିକ୍ଷକଙ୍କ ବିକାଶ ପାଇଁ ପ୍ରଯୁଜ୍ୟ ବୋଲି ମନେ କରୁଛନ୍ତି ତାହାକୁ ଚିହ୍ନଟ କରନ୍ତୁ । ଏହା ସଂମ୍ପୂର୍ଣ୍ଣ ବାମ ପାଖ କିମ୍ବା ଡ଼ାହାଣ ପାଖ ହୋଇପାରେ । ମନେରଖନ୍ତୁ ଯେତେବେଳେ ଆପଣ ଏହି କାର୍ଯ୍ୟଟିକୁ କରିବେ ସେତେବେଳେ ଶିକ୍ଷକକୁ ଏକ ଛାତ୍ର ବୋଲି ବିବେଚନା ନ କରି ଜଣେ ଶିକ୍ଷାର୍ଥୀ ବୋଲି ବିବେଚନା କରିବା ଆବଶ୍ୟକ ।

| | |
|---|---|
| ଦିଆଯାଇଥିବା ଏକ ସୂତ୍ରକୁ ଶ୍ରେଣୀରେ ପ୍ରୟୋଗ କରିବେ | ଅଭିଜ୍ଞତା, ଉଦାହରଖ ଓ ତଥ୍ୟକୁ ନିରୀକ୍ଷଣ ଦ୍ୱାରା ପୂର୍ଣ୍ଣ ଜ୍ଞାନ ସୃଷ୍ଟି ହୋଇଥାଏ |
| ଜ୍ଞାନକୁ ଶିକ୍ଷାର୍ଥୀ ପାଇଁ ଏକ ବାହ୍ୟ ଜିନିଷ ଯାହାକୁ ଗ୍ରହଣ କରିହେବ । | ଶିକ୍ଷକତା, ପଢ଼ିବା, ଅନୁଧ୍ୟାନ, ବ୍ୟକ୍ତିଗତ ତଥା ସାମାଜିକ ଅଭିଜ୍ଞତାର ଟିକିନିଖି ଅନୁଧ୍ୟାନ ଫଳରେ ଜ୍ଞାନର ସୃଷ୍ଟି ହୋଇଥାଏ |
| ନ୍ୟସ୍ତ କାର୍ଯ୍ୟ, ଘରୋଇ, ପରୀକ୍ଷଣ, କ୍ଷେତ୍ର ପରିଭ୍ରମଣରେ ଶିକ୍ଷାର୍ଥୀ ବ୍ୟକ୍ତିଗତ ଭାବେ କାର୍ଯ୍ୟ କରିଥାଏ । | ଦଳରେ କାର୍ଯ୍ୟ କରିବା ପାଇଁ ଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିବା, ଶ୍ରେଣୀଗୃହ ଓ ଶିକ୍ଷାର୍ଥୀଙ୍କୁ ନିରୀକ୍ଷଣ, ପରସ୍ପର ମଧ୍ୟରେ ବାର୍ତ୍ତାଳପ ଓ ଦଳଗତ ଆଲୋଚନାକୁ ପ୍ରକଳ୍ପକାର୍ଯ୍ୟ; ପ୍ରୋତ୍ସହନ |
| ଶିକ୍ଷାର୍ଥୀର ସାମାଜିକ ସ୍ଥିତିକୁ ସମ୍ବୋଧନ କରିବା ପାଇଁ କିଛି ନାହିଁ, ଏବଂ ଶିକ୍ଷା ଗ୍ରହଣର ଉପାୟ | ସମାଜରେ ଶିକ୍ଷାର୍ଥୀରେ ସ୍ଥିତି ଜାଣିବା ପାଇଁ ଶିକ୍ଷାର୍ଥୀ ଶିକ୍ଷାର୍ଥୀକୁ ପରୀକ୍ଷା କରିବା ଏବଂ ଶ୍ରେଣୀଗୃହ ସମ୍ବନ୍ଧରେ ସେମାନଙ୍କର ମତାମତ |
| ଶିକ୍ଷାର୍ଥୀର ବିଷୟ ଭିତିକ ଜ୍ଞାନର ପରୀକ୍ଷ ପାଇଁ ସମୟ ନାହିଁ | ପୁନଃପରିଦର୍ଶନ ଗଠନ ପ୍ରଣାଳୀ ପାଇଁ ସ୍ଥାନ ଏବଂ ଜ୍ଞାନର ଭ୍ରାନ୍ତ ଧାରଣା ପାଇଁ ଆହ୍ୱାନ ଯୋଗାଇବା |

ଚିତ୍ର ୨ : NCFTE characteristics on a continuum.

**ଆଲୋଚନା**

ଏହି କାର୍ଯ୍ୟର ମୂଳ ଲକ୍ଷ୍ୟ ହେଉଛି ଯେ ଏନ.ସି.ଏଫ.ଟି.ଇ ୨୦୦୯ ଅନୁଯାୟୀ ଆପଣ ବର୍ତ୍ତମାନ ଆପଣଙ୍କ ବିଦ୍ୟାଳୟର ମୁଖ୍ୟ କାର୍ଯ୍ୟକୁ କିପରି ଅଭ୍ୟାସ କରୁଛନ୍ତି, ସେ ସମ୍ବନ୍ଧରେ ଚିନ୍ତାକରିବାକୁ ସୁଯୋଗ ଦେଇଥାଏ । ଶିକ୍ଷକ ଶିକ୍ଷାର ମୂଳ ଲକ୍ଷ୍ୟ ହେଉଛି ବାରମ୍ବାର ଅଭ୍ୟାସର ପ୍ରତିଫଳନ ଏବଂ ଶିକ୍ଷା ଶାସ୍ତ୍ର ସମ୍ବନ୍ଧୀୟ ପରିଚିତ ଜ୍ଞାନକୁ ସ୍ଥିର ଭାବେ ଗ୍ରହଣ କରିବା ପାଇଁ ବିଭିନ୍ନ ପୃଷ୍ଠଭୂମିରେ ଥିବା ବିଭିନ୍ନ ପ୍ରକାର ଆବଶ୍ୟକତାକୁ ଶିକ୍ଷକ ବାରମ୍ବାର ଅଭ୍ୟାସରେ ପ୍ରତିଫଳନ କରାଇବା । ଆପଣଙ୍କର ଶିକ୍ଷା କ୍ରିୟାଶୀଳ ଏବଂ ଆକର୍ଷିତ ହୋଇପାରିଲେ, ଆପଣଙ୍କର ସମସ୍ତ ଆଦର୍ଶ  ଆପଣଙ୍କଠାରେ ପ୍ରତିଫଳିତ ହେବ। ବାସ୍ତବରେ ଆପଣଙ୍କର ନମ୍ବର ଡ଼ାହାଣ କିମ୍ବା ମଝିରେ ଥିବ । ଆପଣ କୁଆଡ଼େ ଯିବେ ସେଥିପାଇଁ ଏହା ଆପଣଙ୍କୁ ଏକ ମାର୍ଗ ଦର୍ଶାଇବ ।

ବିଦ୍ୟାଳୟର ମୁଖ୍ୟ ହିସାବରେ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଆପଣ ଦାୟୀ । ଏହା ଦ୍ୱାରା ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ଶିକ୍ଷଣ ସ୍ତରର ବିକାଶ ବୃଦ୍ଧି ପାଇବ । ବାସ୍ତବରେ ଆପଣ ଆପଣଙ୍କର ସହକର୍ମୀଙ୍କ ଜ୍ଞାନକୁ ବୃଦ୍ଧି କରିବା ପାଇଁ ଆପଣଙ୍କୁ ସେମାନଙ୍କ ସହି ମିଶି ପ୍ରତ୍ୟେକ ଦିନ କାମ କରିବାକୁ ହେବ, ଯାହାଦ୍ୱାରା ସେମାନେ ଉତ୍ସାହିତ ହୋଇ ସେମାନଙ୍କର ଶିକ୍ଷଣ ଅଭିଜ୍ଞତା, ଜ୍ଞାନ ଓ ଦକ୍ଷତାକୁ ପରସ୍ପରଙ୍କ ସହ ଖୋଲା ଆଲୋଚନା କରିବେ ଏବଂ ଏକତ୍ରିତ ହୋଇ ପାଠ୍ୟକ୍ରମ ସମ୍ବନ୍ଧରେ ମଧ୍ୟ ଆଲୋଚନା କରିବେ।

ବିଦ୍ୟାଳୟର ମୁଖ୍ୟ ହିସାବରେ ଆପଣଙ୍କୁ ଏମିତି ଏକ ନିରାପଦ ପରିବେଶ ସୃଷ୍ଟି କରିବାକୁ ହେବ ଯେଉଁଠି ଶିକ୍ଷକମାନେ ସେମାନଙ୍କର ସମସ୍ତ ଅନୁଭୂତି ଏବଂ ଚିନ୍ତାଧାରାକୁ ପ୍ରକାଶ କରିବାରେ ହାଲୁକା ଅନୁଭବ କରିବେ ।

## ୨ ଶିକ୍ଷକଙ୍କର ବୃତ୍ତିଗତ ଶିକ୍ଷା ଓ ବିକାଶ

ବୃତ୍ତିଗତ ଶିକ୍ଷା ଓ ବିକାଶ ହେଉଛି ଜଣେ ବ୍ୟକ୍ତିଙ୍କର ଜ୍ଞାନ ଓ କାର୍ଯ୍ୟ କ୍ଷେତ୍ର ସମ୍ପର୍କିତ କୌଶଳର ସାମର୍ଥ୍ୟ, ଅଧିକରୁ ଅଧିକ ତଥ୍ୟ ଜାଣିବାର ଆଗ୍ରହ ଏବଂ ସେଗୁଡ଼ିକୁ ବୃତ୍ତିଗତ କ୍ଷେତ୍ରରେ ଉପଯୁକ୍ତ ଭାବେ ସମ୍ପାଦନା କରିବା ।

ଏନ. ସି.ଏଫ.ଟି.ଇ. ୨୦୦୯ ଅନୁଯାୟୀ ଶିକ୍ଷକଙ୍କ ବୃତ୍ତିଗତ ଶିକ୍ଷା ଓ ବିକାଶ ପାଇଁ ଗଠିତ ବୋର୍ଡ଼ର ମୂଳ ଲକ୍ଷ୍ୟ ହେଉଛି,

- ନିଜେ ନିଜ ଅଭ୍ୟାସ ଉପରେ ଅନୁଧ୍ୟାନ କରିବା, ପ୍ରତିଫଳନ ଓ ବିକାଶ କରିବା
- ଜଣକର ଜ୍ଞାନର ଗଭୀରତା ବୃଦ୍ଧି କରିବା ଏବଂ ନିଜର ବିଦ୍ୟାଳୟ ଜନିତ ଶୃଙ୍ଖଳିତ ଜ୍ଞାନକୁ ଅଧୁନାତକରଣ କରିବା କିମ୍ବା ବିଦ୍ୟାଳୟ ପାଠ୍ୟକ୍ରମର କୌଣସି ଦିଗକୁ ଅଧୁନାତକରଣ କରିବା
- ଶିକ୍ଷାର୍ଥୀଙ୍କ ଶିକ୍ଷା ଉପରେ ଗବେଷଣା ଓ ପ୍ରତିଫଳନ
- ଜଣେ ଶିକ୍ଷା ସମ୍ବନ୍ଧୀୟ ଏବଂ ସାମାଜିକ ଦିଗକୁ ବୁଝିପାରୁଥିବ ଏବଂ ଅଧୁନାତକରଣ କରିପାରୁଥିବ
- ଶିକ୍ଷା ସମ୍ବନ୍ଧୀୟ ବୃତ୍ତିଗତର ଅନ୍ୟାନ୍ୟ ଭୂମିକା ପାଇଁ ବୃତ୍ତିଗତଭାବେ ପ୍ରସ୍ତୁତ ହୁଅନ୍ତୁ, ଯେପରିକି ଶିକ୍ଷକ ଶିକ୍ଷା, ପାଠ୍ୟକ୍ରମର ବିକାଶ ଏବଂ ପରାମର୍ଶ।
- ବଳପୂର୍ବକ ଭାବେ ଜ୍ଞାନକୁ ବିବେଚନା କରିବା ଏବଂ ଅଭିଜ୍ଞତାର ଅଂଶୀଦାର ଏବଂ ଏକ ନିର୍ଦ୍ଦିଷ୍ଟ ଦିଗରେ ଉଭୟ ଶିକ୍ଷକ ଓ ବିଦ୍ୟାଳୟ ତଥା ଏକ ବୃହତ୍ ସମାଜର ଜ୍ଞାନକୁ ବୃଦ୍ଧି କରିବାରେ କାର୍ଯ୍ୟ କରନ୍ତି ।

ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ମାଧ୍ୟମରେ ବୃତ୍ତିଗତ ଶିକ୍ଷା ଓ ବିକାଶ ସାଧନ ପାଇଁ ଅଧିକାଂଶ ତାଲିମ ପ୍ରଦାନ କରୁଛନ୍ତି । ଏହା କେବଳ ସ୍ୱତନ୍ତ୍ର କର୍ମଶାଳାରେ ସମ୍ଭବ ହୋଇପାରୁଛି, ଯେଉଁଠି ଶିକ୍ଷକଙ୍କ ପ୍ରତ୍ୟକ୍ଷ ଉପସ୍ଥିତି ଆବଶ୍ୟକ । ତାଲିମ ଶିବିରଟି କେତେକ ସମସ୍ୟା ସମାଧାନ ଉପରେ ପର୍ଯ୍ୟବେଶିତ ହୋଇପାରେ ଯେଉଁଠି କେବଳ କେତେକ ସାଧାରଣ ସମସ୍ୟା ଏବଂ ମୁଖ୍ୟତଃ ନୂଆ ପଲିସି ଆରମ୍ଭ ଓ ବ୍ୟାଘାତ ଜନିତ ତଥ୍ୟ ପ୍ରଦାନ ଉପରେ କାର୍ଯ୍ୟ କରିଥାଏ।

ଆପଣଙ୍କ ସମସ୍ତ ଶିକ୍ଷକଙ୍କର ଦକ୍ଷତା ଓ ବିକାଶର ସ୍ତର ସମାନ ନୁହେଁ । ତେଣୁ ସେମାନଙ୍କର ଭିନ୍ନ ଭିନ୍ନ ଚିନ୍ତାଧାରା ଏବଂ ଗୁଣ ଅନୁଯାୟୀ, ଅଲଗା ଅଲଗା ନୀତି ଆପଣେଇ ବୃତ୍ତିଗତ ଶିକ୍ଷା ଓ ବିକାଶ ପାଇଁ ଏକ ପ୍ରଚଳିତ ଧାରାରେ କାର୍ଯ୍ୟ କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରିବା ଆବଶ୍ୟକ । ନିମ୍ନରେ ଶ୍ରୀମତୀ ଗୁପ୍ତାଙ୍କ ବିଷୟରେ କିଛି କୁହାଯାଇଛି, ଯାହାଙ୍କର ବୃତ୍ତିଗତ ଶିକ୍ଷା ବିକାଶର ଆବଶ୍ୟକତା ରହିଛି ଏବଂ ସେ କାମ କରିବାକୁ ମଧ୍ୟ ଅନିଚ୍ଛୁକ ।

## ପରିସ୍ଥିତି ଅଧ୍ୟୟନ ୨ : ଶ୍ରୀମତୀ ଗୁପ୍ତାଙ୍କ ଶିକ୍ଷାଦାନ ସମ୍ପର୍କରେ

ଶ୍ରୀମତୀ ଗୁପ୍ତା ଏକ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ୧୬ ବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି । ସେ ନିଜ ପ୍ରଦର୍ଶନରେ ବହୁତ ଗର୍ବ ଅନୁଭବ କରନ୍ତି, ଘରୁ କାଗଜ ଆଣନ୍ତି ଏବଂ ସାଥିରେ ଏକ ବାକ୍ସ ମଧ ରଖିଥା'ନ୍ତି, ଯେଉଁଥିରେ କଇଁଚି, ଆଲପିନ୍, ଅଠା ଏବଂ ଛାପା ନକଲ ରଖିଥାନ୍ତି । ସେ ଦୁଇଜଣ ଦକ୍ଷ ବାଳିକାଙ୍କୁ ସାଥି କରି ବିଦ୍ୟାଳୟରେ ଏହାକୁ ପ୍ରଦର୍ଶିତ କରାନ୍ତି । ଯେତେବେଳେ ପିଲାମାନଙ୍କର ପିତାମାତା ତଥା ଅନ୍ୟ କେହି ପରିଦର୍ଶକ ବିଦ୍ୟାଳୟକୁ ଆସନ୍ତି ସେମାନେ ଏହି କାର୍ଯ୍ୟ ଉପରେ ଟିପ୍ପଣୀ ଦିଅନ୍ତି । ଏହିଭଳି ପ୍ରଶଂସା ପାଇ ସେ ନିଜ ଭିତରେ ଅଧିକ ଗର୍ବ ଅନୁଭବ କରନ୍ତି ।

ସାଧାରଣତଃ ଶ୍ରୀମତୀ ଗୁପ୍ତା ନିଜ କାମକୁ ଭଲ ପାଆନ୍ତି କିନ୍ତୁ ବିଜ୍ଞାନର କେତେକ ଅଧ୍ୟାୟକୁ ଆଦୌ ପଢ଼ାଇବାକୁ ଭଲ ପାଆନ୍ତି ନାହିଁ କାହିଁକିନା ସେ ବିଷୟ ଓ ତଥ୍ୟ ଉପରେ ତାଙ୍କର ଯଥେଷ୍ଟ ଜ୍ଞାନ ନାହିଁ। ବେଳେବେଳେ ସେ ନିଜର ଶିକ୍ଷାଦାନ ସମୟରେ ବିରକ୍ତ ଅନୁଭବ କରନ୍ତି କିନ୍ତୁ ସେ ସେହି ଶିକ୍ଷାର୍ଥୀମାନଙ୍କ ସହ ହସଖୁସି କରିବାକୁ ଭଲ ପାଆନ୍ତି। ଯେଉଁମାନଙ୍କୁ ସେ ଶ୍ରେଣୀଗୃହର ଆଗ ଧାଡ଼ିରେ ବସିବା ପାଇଁ କହନ୍ତି, ସେ କେବେବି ସେମାନଙ୍କୁ ତାଙ୍କ ପସନ୍ଦର ବୋଲି କହିବାକୁ ଲଜ୍ଜା ବୋଧ କରନ୍ତି ନାହିଁ । କମ ଦକ୍ଷତା ସଂମ୍ପନ୍ନ ଶିକ୍ଷାର୍ଥୀ, ଯେଉଁମାନେ ଶ୍ରେଣୀ ପଛ ଧାଡ଼ିରେ ବସନ୍ତି ସେଥିପ୍ରତି ଆଦୌ ଧ୍ୟାନ ଦିଅନ୍ତି ନାହିଁ । ଅମଳ ସମୟରେ କମ ଉପସ୍ଥାନ ଥିବା ଶିକ୍ଷାର୍ଥୀମାନଙ୍କୁ ଛାଡ଼ି ଦିଅନ୍ତି, ଫଳରେ କମ ସଂଖ୍ୟକ ଶିକ୍ଷାର୍ଥୀମାନଙ୍କ ସହ କୌଣସି ପଦକ୍ଷେପ ନେବାକୁ ତାଙ୍କୁ ସହଜ ହୋଇଥାଏ।

ଶ୍ରୀମତୀ ଗୁପ୍ତା, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଅନୁଷ୍ଠିତ ହେଉଥିବା ତାଲିମ ଶିବିରରେ କେବେକେବେ ଯୋଗଦେଇଥା'ନ୍ତି ଏବଂ ଯଥା ସମ୍ଭବ ସେ ଏହାକୁ ଏଡ଼ାଇବାକୁ ଚେଷ୍ଟା କରନ୍ତି । ସେ ଏମିତି ସ୍ଥାନକୁ ଯିବାକୁ ପସନ୍ଦ କରନ୍ତି ନାହିଁ, ଯେଉଁଠିକାର ଲୋକମାନଙ୍କୁ ସେ ଆଦୌ ଜାଣି ନଥା'ନ୍ତି। ସେ ନିଜର ସମସ୍ତ ସହକର୍ମୀଙ୍କୁ ସମର୍ଥନ କରନ୍ତି କିନ୍ତୁ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ଉପାୟ କିମ୍ବା ବିଦ୍ୟାଳୟର ଉନ୍ନତି ସମ୍ବନ୍ଧରେ ସେ ଆଦୌ ଆଲୋଚନା କରନ୍ତିନାହିଁ । ସେ କେବଳ ବିଦ୍ୟାଳୟକୁ ନିଜର ଶିକ୍ଷାଦାନ କରିବାକୁ ଆସନ୍ତି ଏବଂ ପରିବାରର ଯତ୍ନ ନେବାପାଇଁ ଘରକୁ ଫେରିଯାଆନ୍ତି । ବଳକା ସମୟରେ ସେ ନାଚ କରିଥାନ୍ତି । ତେଣୁ ସେ ଅନ୍ୟ ଏକ ବିଦ୍ୟାଳୟରେ ବେସରକାରିଭାବେ ସପ୍ତାହକୁ ଗୋଟିଏ ନାଚ କ୍ଲାସ ନେଇଥା'ନ୍ତି । ସେଠାରେ ବିଦ୍ୟାଳୟର ଶେଷ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ନୃତ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତେଣୁ ବର୍ତ୍ତମାନ ସେ ବହୁତ ଗୁଡ଼ାଏ କାର୍ଯ୍ୟକୁ ଏକା କରିପାରିବେ ବୋଲି ଅନୁଭବ କରୁଛନ୍ତି।

### ଶିକ୍ଷଣକାର୍ଯ୍ୟ-୨ ବୃତିଗତ ବିକାଶର ବାର୍ତ୍ତାଳାପ ପାଇଁ ଯୋଜନା

ବିଦ୍ୟାଳୟର ମୁଖ୍ୟଭାବେ ଚିନ୍ତା କରନ୍ତୁ ଯେ କିଭଳି ଶ୍ରୀମତୀ ଗୁପ୍ତାଙ୍କସହ ବୃତ୍ତିଗତ ଶିକ୍ଷା ଓ ବିକାଶାର ତଥ୍ୟ ସମ୍ବନ୍ଧରେ କଥାବାର୍ତ୍ତା କରିପାରିବେ ? ବାସ୍ତବରେ ଆପଣ ଶ୍ରୀମତୀ ଗୁପ୍ତାଙ୍କୁ ଜାଣି ନାହାଁନ୍ତି ମାତ୍ର ତାଙ୍କ ଭଳି ଆପଣ ଅନ୍ୟ ଶିକ୍ଷକଙ୍କୁ ଜାଣିଥିବେ । ତାଙ୍କ ସହ ତାଙ୍କର ସାମର୍ଥ୍ୟ ବିଷୟରେ କଥା ହୁଅନ୍ତୁ ଏବଂ ସେ ନିଜକୁ ଶିକ୍ଷକ ହିସାବରେ କିଭଳି ପ୍ରସ୍ତୁତ କରିଛନ୍ତି, ତତ୍ ସମ୍ବନ୍ଧରେ ପରିକଳ୍ପନା କରନ୍ତୁ । ନିଜ ନୋଟ୍ ବୁକ୍‌ରେ ଏ ସବୁକୁ ଲିପିବଦ୍ଧ କରି ରଖନ୍ତୁ ।

୧. ସେମାନଙ୍କର ବିକାଶର ଆବଶ୍ୟକତା ପାଇଁ ଆପଣ କଥାବାର୍ତ୍ତା କିଭଳି ଭାବେ ଆରମ୍ଭ କରିବେ ?
୨. କେଉଁ ସାମାର୍ଥ୍ୟ ଓ କେଉଁ ଦୁର୍ବଳତା ଉପରେ ଆପଣ ଧ୍ୟାନ କେନ୍ଦ୍ରୀଭୂତ କରିବେ ?

୩. ତାଙ୍କର ପ୍ରତିକ୍ରିୟା ସମ୍ବନ୍ଧରେ ଆପଣ କ'ଣ ଚିନ୍ତା କରୁଛନ୍ତି ?

୪. ସକରାତ୍ମକ ଫଳାଫଳ ହାସଲ ପାଇଁ ଆପଣ କେଉଁ ପଦକ୍ଷେପ ନେଇପାରିବେ ?

ସାମଗ୍ରୀ ୧ର ପତ୍ରିକାକୁ ଦେଖନ୍ତୁ । ଚିନ୍ତା କରନ୍ତୁ କିଭଳି ଏହାକୁ ଶ୍ରୀମତୀ ଗୁପ୍ତାଙ୍କ କ୍ଷେତ୍ରରେ ବ୍ୟବହାର କରିହେବ । କେଉଁ ପ୍ରକାର ତଥ୍ୟ ଓ ସମସ୍ୟା ଦେଖା ଦେବ ଏବଂ କେଉଁ ବିଭାଗର ମନ୍ତବ୍ୟକୁ ଆପଣ ରେକର୍ଡ଼ କରିପାରିବେ ?

ସାମାଗ୍ରୀ ୨କୁ ଲକ୍ଷ କରନ୍ତୁ ଆପଣ ଏହାର ବ୍ୟବହାର ଜାଣିପାରିବେ । ଗଳ୍ପକହିବା, ସଙ୍ଗୀତ, ଏକକ ଅଭିନୟ ଏବଂ ନାଟକ ଇତ୍ୟଦିକୁ ଶିକ୍ଷାଦାନର ବିକଳ୍ପ ଉପାୟଭାବେ ଗ୍ରହଣ କରାଯାଇପାରେ । ଶ୍ରୀମତୀ ଗୁପ୍ତା ନିଶ୍ଚିତ ଭାବେ ଜଣେ ସୃଜନ ଶକ୍ତି ସଂମ୍ପନ୍ନ ବ୍ୟକ୍ତି ଏବଂ ଶିକ୍ଷାର୍ଥୀମାନେ ତାଙ୍କର ସୃଜନିଶକ୍ତିରୁ ବହୁତ କିଛି ଶିଖିପାରିବେ ଯଦି ଏହାକୁ ତାଙ୍କର ପାଠରେ ଅଧିକରୁ ଅଧିକ ବ୍ୟବହାର କରାଯିବ । ମୁଖ୍ୟ ସମ୍ବଳ ହେଉଛି କିଭଳି ଭାବେ ଶିକ୍ଷା ସମ୍ବନ୍ଧୀୟ ଏହି ସବୁ ମୁକ୍ତ ଶୈକ୍ଷିକ ସମ୍ବଳକୁ ଭିନ୍ନ ଭିନ୍ନ ବିଷୟରେ ବ୍ୟବହାର କରିହେବ ଏବଂ ଏକ ମୁଖ୍ୟ ସାଧନ ରୂପେ ବୃତିଗତ ଶିକ୍ଷା ଓ ବିକାଶକ୍ଷେତ୍ରରେ ଆଲୋଚନା କରାଯାଇପାରିବ । ଆପଣ ଆପଣଙ୍କର ପରବର୍ତ୍ତୀ କାର୍ଯ୍ୟରେ ଏହି ବିବରଣୀକୁ ଫେରିବେ, ଯେତେବେଳେ ଆପଣଙ୍କର ଲକ୍ଷ୍ୟ ବୃତ୍ତିଗତ ଶିକ୍ଷା ଓ ବିକାଶର ଯୋଜନା ଉପରେ ରହିଥିବ ।

## ଆଲୋଚନା

ଆପଣ ବିଦ୍ୟାଳୟର ସଂସ୍କୃତିର ଅର୍ଥ ଏହିପରି ହୋଇପାରେ ଯେ ଆପଣ ବୃତ୍ତିଗତ ସମୀକ୍ଷା ସବୁବେଳେ କରୁଛନ୍ତି କିମ୍ବା ଯେଉଁଠି ବ୍ୟକ୍ତିଗତ ଭାବେ ଆପଣ ଆପଣଙ୍କର ସହକର୍ମୀଙ୍କ ସହ ସେମାନଙ୍କର ବୃତ୍ତିଗତ ଅଭ୍ୟାସ ପାଇଁ ଖୋଲା ଆଲୋଚନା କରୁଛନ୍ତି ଏବଂ ଭବିଷ୍ୟତର ବୃତିଗତ ବିକାଶ ପାଇଁ ଲକ୍ଷ୍ୟ ରଖୁଛନ୍ତି। ତେଣୁ ଆପଣ ଶିକ୍ଷକମାନେ ଏହିଭଳି କଥାବାର୍ତ୍ତାରେ ଅଭ୍ୟସ୍ତ ହୋଇସାରିଥିବେ । ତଥାପି ପ୍ରଥମ ଥର ପାଇଁ ଆପଣଙ୍କ ସହ ଏହିଭଳି କଥାବାର୍ତ୍ତା ଘଟିବାର ସମ୍ଭାବନା ଅଧିକ ରହିଛି।

ଆପଣଙ୍କର ଶିକ୍ଷକଙ୍କ ବୃତ୍ତିଗତ ଜୀବନ ଶୈଳୀକୁ ବୁଝିବାକୁ ହେଲେ, ସମସ୍ତ ଶିକ୍ଷକଙ୍କ ପାଇଁ ଏକ ସଭାର ଆୟୋଜନ କରିବାକୁ ହେବ, ଯେଉଁଠି ସେମାନଙ୍କର ଆବଶ୍ୟକତା ବିଷୟରେ ଆଲୋଚନା କରାଯିବ। ଏହା ଏକ ବୃତ୍ତିଗତ ବାର୍ତ୍ତାଳାପ ହୋଇପାରେ, ମାତ୍ର ନିର୍ଭୟରେ ଆୟୋଜନ କରାଯାଇପାରେ ଯେଉଁଠି ତୁମେ ଶିକ୍ଷକଙ୍କ ବୃତ୍ତିଗତ ଜୀବନ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବାର ସୁଯୋଗ ମିଳିବ। ଏହା ଶ୍ରୀମତୀ ଗୁପ୍ତାଙ୍କ ଭଳି ଯେ କେହି ହୋଇପାରନ୍ତି ଏବଂ ଆଲୋଚନାରେ ବ୍ୟସ୍ତ ରହିବା ପାଇଁ ପୁନଃ ସମର୍ଥନ ଏବଂ ଫୁସୁଲାଇବା ଆବଶ୍ୟକ, ମାତ୍ର ଆପଣ କେତେକ ଦକ୍ଷତାକୁ ଚିହ୍ନଟ କରିବେ ଯାହା ବାର୍ତ୍ତାଳାପ ପାଇଁ ଦ୍ୱାର ଉନ୍ମୁକ୍ତ ରଖିବ। ଏହି ପ୍ରାରମ୍ଭିକ ଆଲୋଚନା ଓ ରେକର୍ଡ଼, ବିକାଶ କାର୍ଯ୍ୟ ପାଇଁ ଯୋଜନା ଏବଂ ଭବିଷ୍ୟତର ସହାୟତା ପାଇଁ ମୂଳ ଆଧାର ଅଟେ। ଏସବୁ ବର୍ତ୍ତମାନର କଥାବାର୍ତ୍ତା ପାଇଁ ଆରମ୍ଭ ମାତ୍ର, ବାସ୍ତବରେ,ମୂଳ ଲକ୍ଷ୍ୟ ହେଉଛି ଶିକ୍ଷକମାନେ ନିଜର ବିକାଶ ପାଇଁ ଦାୟିତ୍ୱବାନ ନିଜେ କିପରି ହୋଇପାରିବେ। ଏହି ଆଲୋଚନାକୁ ଆପଣ ପର୍ଯ୍ୟବେକ୍ଷଣ କରିଥିବା ଯେକୌଣସି ପାଠ ସହ ଯୋଡି ପାରିବେ କିମ୍ବା କରିଥିବା ଯେ କୌଣସି ଏକ ତଦାରଖ ପ୍ରକ୍ରିୟା ସହ ଯୋଡ଼ିପାରିବେ।

ସମୟ ଅନୁସାରେ କୌଣସି ଏକ ବିଦ୍ୟାଳୟ ପୂର୍ଣ୍ଣ ପର୍ଯ୍ୟବେକ୍ଷଣ ଏବଂ ପାଠ ସମୀକ୍ଷା କରିପାରିବ ଯାହା ବୃତ୍ତିଗତ ଶିକ୍ଷା ଓ ବିକାଶ ଚକ୍ରର ଏକ ଅଂଶ ହେବା ସହ, ସହକର୍ମୀଙ୍କ ସହ ବାର୍ତ୍ତାଳାପ ପାଇଁ ତଥ୍ୟ ହିସାବରେ ବ୍ୟବହାର କରାଯାଇପାରିବ ।

## ୩ ଶିକ୍ଷକଙ୍କ ବୃତ୍ତିଗତ ଶିକ୍ଷା ଓ ବିକାଶର ନମୁନା

ଯଦିଓ ବୃତ୍ତିଗତ ଶିକ୍ଷା ଓ ବିକାଶ କେବେକେବେ ସଂଗଠିତ ଏବଂ ନିୟନ୍ତ୍ରିତ। ଏହା ଉଭୟ ଔପଚାରିକ ଏବଂ ଅନୌପଚାରିକଭାବେ ସଂଗଠିତ ହୋଇପାରିବ। ଏହାକୁ ବ୍ୟକ୍ତିଗତଭାବେ, ଛୋଟ କିମ୍ବା ବଡ଼ ଦଳରେ ବିଭକ୍ତ କରାଯାଇପାରିବ ଏବଂ କ୍ରିୟାତ୍ମକ ଗବେଷଣା, ଅଭ୍ୟାସ କାର୍ଯ୍ୟର ପ୍ରତିଫଳନ, କୋଚିଂ ଏବଂ ଉପଦେଷ୍ଟାର ଉପାୟକୁ ଗ୍ରହଣ କରିପାରିବ। ଆପଣଙ୍କ ବିଦ୍ୟାଳୟର ଅନୌପଚାରିକ ଶିକ୍ଷାର

ମୂଲ୍ୟବୋଧକୁ ସ୍ୱୀକୃତ ଦେବା ଗୁରୁତ୍ୱପୂର୍ଣ୍ଣ ତା ସହିତ ସଂପୂର୍ଣ୍ଣ ବିକାଶ ପାଇଁ ସଂଗଠିତ ତାଲିମ ଶିବିରର ସୁଯୋଗଗୁଡ଼ିକୁ ବ୍ୟବହାର ହେବା ଆବଶ୍ୟକ।

ସୂଚନା ଓ ପ୍ରଯୁକ୍ତି ବିଜ୍ଞାନ ଯଥା ଟିଭି, ରେଡ଼ିଓ, ଏବଂ ଇଣ୍ଟରନେଟ-ଜ୍ଞାନ ଆହରଣ କିମ୍ବା ଗୁରୁତ୍ୱପୂର୍ଣ୍ଣ ତଥା ନୂତନ ତଥ୍ୟ ପ୍ରଦାନ କରିବା ପାଇଁ ଏକାନ୍ତ ଆବଶ୍ୟକ। ନିର୍ଦ୍ଦିଷ୍ଟ କାର୍ଯ୍ୟରେ ବ୍ୟସ୍ତ ରହିବା ଓ ନୂତନ ତଥ୍ୟ ଆହରଣ କରିବାରେ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଆପଣଙ୍କର ଶିକ୍ଷକଙ୍କୁ ସାହାଯ୍ୟ କରିବ। ଇଣ୍ଟରନେଟ, ଆପଣଙ୍କୁ ତଥା ଆପଣଙ୍କର ସହକର୍ମୀଙ୍କୁ ଅବାଧରେ ତଥ୍ୟ ସଂଗ୍ରହ କରିବାରେ (ଅନଲାଇନରେ ଆସୁଥିବା ଅ.ଓ.ଆର.ଏବଂ ଟେସ ଇଣ୍ଡିଆ) ସୁଯୋଗ ପ୍ରଦାନ କରିଥାଏ ଏବଂ ଆପଣଙ୍କ ବିଦ୍ୟାଳୟର ବୃତ୍ତିଗତ ବିକାଶ ପାଇଁ ଯାହା ଏନ.ଆର. ଓ.ଇଆର.,ଜାତୀୟ ପ୍ରଶିକ୍ଷଣ କେନ୍ଦ୍ର ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଦ୍ୱାରା ଗଠିତ, ତାହା ମଧ୍ୟ ସାହାଯ୍ୟ କରିବ। ଏହି ବିଷୟ ଶେଷରେ ଅନଲାଇନ ସମ୍ବଳ ସହ ଆପଣ ଏହି ତଥ୍ୟକୁ ଯୋଡ଼ିପାରିବେ।

ଶିକ୍ଷଣ ଓ ଶିକ୍ଷାଦାନ ପ୍ରକ୍ରିୟାକୁ ବୃଦ୍ଧି କରିବାର ପ୍ରଥମ ପାହାଚ ହେଉଛି ଶ୍ରେଣୀରେ ବୃତ୍ତିଗତ ଶିକ୍ଷା ଓ ବିକାଶପାଇଁ ଅଭ୍ୟାସ କାର୍ଯ୍ୟ ସମ୍ପାଦନା କରିବା । ଏହା ସତ୍ୟ ଯେ ଶିକ୍ଷକମାନେ କାର୍ଯ୍ୟ ପାଇଁ ସମୟ ପ୍ରଦାନ କରନ୍ତି ଏବଂ ପ୍ରତିଫଳନ ପାଇଁ ସୁଯୋଗ ପାଆନ୍ତି ଏବଂ ସେମାନଙ୍କର ଶ୍ରେଣୀ କାର୍ଯ୍ୟକୁ ମଧ୍ୟ ଉନ୍ନତି କରିଥାନ୍ତି । ମାତ୍ର, ସବୁ ଶିକ୍ଷକ ଫଳପ୍ରଦ ହୋଇପାରନ୍ତି ନାହିଁ କିନ୍ତୁ ଅନ୍ୟର ସଫଳ ଅଭ୍ୟାସ କାର୍ଯ୍ୟରୁ ବହୁତ କିଛି ଶିଖିଥାନ୍ତି । ବେଳେ ବେଳେ ଏହା ବିଦ୍ୟାଳୟରେ ପରିଲକ୍ଷିତ ହୋଇଥାଏ, ମାତ୍ର ସେହି ସହକର୍ମୀଙ୍କ ପାଇଁ ଏହା ଅଜଣା ହୋଇଥାଏ ଯେ ପର୍ଯ୍ୟବେକ୍ଷଣ କରାଯିବ କିମ୍ବା କେଉଁ କାର୍ଯ୍ୟରୁ ସୁଫଳ ମିଳିପାରିବ । ଏହି କ୍ଷେତ୍ରରେ ନେତୃତ୍ୱ ନେବାର ଶୈଳୀ ଅଗୋଚର ହେଉଥିବା ଭଲ କାର୍ଯ୍ୟକୁ ଦୃଷ୍ଟିଗୋଚର କାର୍ଯ୍ୟରେ ପରିଣତ କରିବାର ମୁଖ୍ୟ ଉପାୟ ହୋଇପାରିବ ଏବଂ ଏହା ସମସ୍ତଙ୍କ ପାଇଁ ଉପାଦେୟ ହୋଇପାରିବ । ଏହା ବୁଝିବାକୁ ହେବ ଯେ ଅନେକ ଭଲ ଅଭ୍ୟାସ କାର୍ଯ୍ୟ ବିଦ୍ୟାଳୟରେ ଅଛି ଏବଂ ଏହାକୁ ସମଗ୍ର ଶିକ୍ଷକ ସମାଜର ମଙ୍ଗଳ ପାଇଁ ବ୍ୟବହାର କରିହେବ । ଏହି ପଦ୍ଧତିର ପ୍ରଥମ ସୋପାନ ହେଉଛି ସମସ୍ତ ଶିକ୍ଷକଙ୍କୁ ବ୍ୟକ୍ତିଗତ ଭାବେ ସାହାଯ୍ୟ କରିବା ଯାହାଦ୍ୱାରା ସେମାନେ ଅଭ୍ୟାସ କାର୍ଯ୍ୟକୁ ଦକ୍ଷ ଭାବେ ଶିଖିପାରିବେ ଏବଂ ପ୍ରତି କ୍ଷେତ୍ରର ଉନ୍ନତି ପାଇଁ ନିଜଠାରେ କ୍ଷମତା ଅଛି ବୋଲି ଅନୁଭବ କରିପାରିବେ ।

ଶ୍ରେଣୀରେ କିଛି ଶିଖିବା ପାଇଁ ଶିକ୍ଷକମାନଙ୍କ ଠାରେ ଅନେକ ଉପାୟ ଅଛି, ଯାହା ପରିସ୍ଥିତି ଅନୁଯାୟୀ ଶିଖାଯାଏ, ଯେଉଁଠି କିଛି ନୂଆ କରିବା ପାଇଁ ଶିକ୍ଷକ ଚେଷ୍ଟା କରିଥାନ୍ତି କିମ୍ବା ଯାହା କିଛି କରିଥାନ୍ତି ସେଥିରୁ କିଛି କରିବା ପାଇଁ ଚେଷ୍ଟା କରନ୍ତି । ଶିକ୍ଷକମାନେ କିଛି ନୂଆ କରିବା ପାଇଁ ସେମାନଙ୍କ ଭିତରେ ଦୃଢ଼ ବିଶ୍ୱାସ ରହିବା ଉଚିତ, ଭୁଲକୁ ଗ୍ରହଣ କରିପାରିବାର ଦକ୍ଷତା, ପ୍ରତିଫଳନ ପାଇଁ ସୁଯୋଗ ଏବଂ କାହିଁକି ଭୁଲ ବୋଲି ଯଦି ଜାଣିବାର ସୁଯୋଗ ଥାଏ, ତେବେ ସେମାନେ ସେମାନଙ୍କର କାର୍ଯ୍ୟ ଧାରାକୁ ପରିବର୍ତ୍ତନ କରିପାରିଥିବେ । ଅବସ୍ଥା ଅନୁଯାୟୀ ଶିକ୍ଷାଦାନ ପ୍ରକ୍ରିୟା ଅନୁଷ୍ଠିତ ହେବାଉଚିତ୍ ଏବଂ ଏହାକୁ ବିଭିନ୍ନ ଉପାୟରେ ସହଯୋଗ ଆବଶ୍ୟକ ଓ ତନ୍ମଧ୍ୟରୁ ତଳେ କେତେକ ଦିଆଗଲା:

### ବିଦ୍ୟାଳୟ ଆଧାରିତ ବୃତ୍ତିଗତ ଶିକ୍ଷା ଓ ବିକାଶର କାର୍ଯ୍ୟଧାରା

୧. କ୍ରିୟାତ୍ମକ ଗବେଷଣା, ଯେଉଁଠି ଶିକ୍ଷକଙ୍କର ଏକ ନିର୍ଦ୍ଦିଷ୍ଟ ଇଚ୍ଛାଧୀନ ଦିଗ ଉପରେ ଚିନ୍ତା କରିବାପାଇଁ ସୁଯୋଗ ରହିଛି ଏବଂ ନିଜର କାର୍ଯ୍ୟ ଧାରାର ଉନ୍ନତି ପାଇଁ ନୂତନ ଚିନ୍ତାଧାରା ଖୋଜିଥାଏ, ଶିକ୍ଷାର୍ଥୀଙ୍କ ଶିକ୍ଷଣ ଉପରେ ପ୍ରଭାବ ପକାଇଥାଏ ଏବଂ ପରେ କ'ଣ ହେବ ସେଥିପାଇଁ ବିଶ୍ଳେଷଣ ମଧ୍ୟ କରିଥାଏ। କ୍ରିୟାତ୍ମକ ଗବେଷଣା ଆବର୍ତ୍ତମାନ ପ୍ରକ୍ରିୟା ଅଟେ ଯେଉଁଠି ଗୋଟେ ଶେଷ ତଥ୍ୟ ମିଳିଥାଏ ଏବଂ ତାହା ପୁଣି ଏକ ଅନ୍ୟ ଏକ ନୂତନ ତଥ୍ୟର ଆବିଷ୍କାର ପାଇଁ ବାଟ ଦେଖାଇଥାଏ ।

୨. ସହଯୋଗିତା ଭିତରେ ଶିକ୍ଷଣ ଯେଉଁଠି ଶିକ୍ଷକ କିଛି ଶିଖିବା ପାଇଁ ଅନ୍ୟ ଶିକ୍ଷକଙ୍କ ସହ ତୁଳନା କରିବାରେ, ପ୍ରଭେଦ ଦୂର କରିବାରେ, କାର୍ଯ୍ୟର ଆଦାନପ୍ରଦାନ ଓ ଯୋଜନା ପ୍ରସ୍ତୁତିରେ ବ୍ୟସ୍ତ ଥାଏ।

୩. ଦଳଗତ ଶିକ୍ଷାଦାନ, ଯେଉଁଠି ଦୁଇ ଜଣ ଶିକ୍ଷକ ଏକାଠି କାର୍ଯ୍ୟ କରନ୍ତି ଏକ ପାଠକୁ ଉପସ୍ଥାପନ କରିବ ପାଇଁ କିମ୍ବା ସେମାନଙ୍କର ମିଳିତ ଦକ୍ଷତାରେ ବିଭିନ୍ନ ପାଠକୁ ପ୍ରଖର କରନ୍ତି, ପଦକ୍ଷେପ, ଶିକ୍ଷାର୍ଥିଙ୍କ ଧ୍ୟାନର କେନ୍ଦ୍ରୀଭୂତ, ନୂତନତ୍ୱ ଓ

ପ୍ରତିପାଦନ ଏବଂ ପରସ୍ପରଠାରୁ ଶିଖିବା ଏବଂ ଉଭୟଙ୍କ ପାଇଁ ନୂତନ ଉପାୟ ସୃଷ୍ଟି ପାଇଁ ଚେଷ୍ଟା କରିବା ଉଚିତ୍।

୪. ଅଭ୍ୟାସରେ ପ୍ରତିଫଳନ, ଯାହାକି ଏକ ମୁଖ୍ୟ କାର୍ଯ୍ୟ ଧାରା ହୋଇପାରେ କିନ୍ତୁ ପ୍ରତିଫଳନ ଉପରେ ସମାନଭାବେ ସମସ୍ତଙ୍କ ସହ ଆଲୋଚନା କରିବା ଉଚିତ ଏବଂ ନିଜର ସହକର୍ମୀ କିମ୍ବା ଦଳରେ ବିଭିନ୍ନ ପ୍ରଶ୍ନ ମାଧ୍ୟମରେ ଏହାକୁ ପ୍ରମାଣ କରିବା ଉଚିତ୍ ।

୫. ଶିକ୍ଷକଙ୍କ ଜାଲି ସଦୃଶ କାର୍ଯ୍ୟରେ ଭାଗ ନେବା, ବିଦ୍ୟାଳୟ ଆଧାରିତ କାର୍ଯ୍ୟ ଏବଂ ବିଦ୍ୟାଳୟ ସହଭାଗିତା ମାଧ୍ୟମରେ କାର୍ଯ୍ୟ ହେଉଛି ଅନେକ ଉପାୟ ଯେଉଁଠି ନିଜର ଚିନ୍ତାଧାରାକୁ ଉପସ୍ଥାନ ପାଇଁ ଶିକ୍ଷକମାନଙ୍କୁ ଅଧିକରୁ ଅଧିକ ଉତ୍ସାହିତ କରିହେବ, ସମସ୍ୟା ସମ୍ବନ୍ଧରେ ଆଲୋଚନା ପ୍ରତିଷ୍ଠାବାନ ବ୍ୟକ୍ତିବିଶେଷଙ୍କ ଦଳ ସେମାନଙ୍କ ଚିନ୍ତାଧାରାର ମତ ପୋଷଣ ପାଇଁ ସୁଯୋଗ ପାଇବେ ଏବଂ ପ୍ରତିଫଳନ ଓ ଭବିଷ୍ୟତ ପାଇଁ ଯୋଜନା ପ୍ରସ୍ତୁତ କରିବେ । ଆପଣ ମଧ୍ୟ ଏହି କାର୍ଯ୍ୟ ଅନ୍ୟ ବିଦ୍ୟାଳୟର ମୁଖ୍ୟଙ୍କ ଦ୍ୱାରା କରିପାରିବେ ଯେଉଁମାନେ ଆପଣଙ୍କର ଏକାନ୍ତ ହୋଇଥିବେ ଓ ବିଦ୍ୟାଳୟ ପାଇଁ ଉତ୍ତରଦାୟୀ ହୋଇପାରୁଥିବେ ।

ଟେସ-ଇଣ୍ଡିଆର ବିଭିନ୍ନ ବିଷୟରେ ଶିକ୍ଷକମାନେ ଏକତ୍ରିତ ଭାବେ କାର୍ଯ୍ୟ କରିବା ପାଇଁ ଏବଂ ବ୍ୟକ୍ତିଗତ ଭାବେ ବିଭିନ୍ନି ଦୃଷ୍ଟିକୋଣରୁ ସେମାନଙ୍କର ଶିକ୍ଷାଦାନ ଏବଂ ଶିକ୍ଷାର୍ଥୀଙ୍କ ଶିଖିବା ପାଇଁ ଅନେକ ସୁଯୋଗ ରହିଛି। ଟେସ-ଇଣ୍ଡିଆର ମୂଳ ସମ୍ବଳ ହେଉଛି ତଳେ ଥିବା ଆଲୋଚ୍ୟ ବିଷୟର କାର୍ଯ୍ୟ ଧାରାର ଉନ୍ନତି ପାଇଁ ଉତ୍କୃଷ୍ଟ ତଥା ସବିଶେଷ ତଥ୍ୟ ଯୋଗାଇଥାଏ।

- ଅଗ୍ରଗତି ଓ କାର୍ଯ୍ୟକରିବାର ଢ଼ଙ୍ଗର ମୂଲ୍ୟ ନିର୍ଦ୍ଧାରଣ କରିବା
- ତଦାରଖ କରିବା ଓ ମତାମତ ଦେବା
- ଗଳ୍ପ କହିବା, ଗୀତ, ଏକକ ଅଭିନୟ ଏବଂ ନାଟକ
- ସ୍ଥାନୀୟ ସମ୍ବଳର ବ୍ୟବହାର
- ଯୁଗଳ / ଯୋଡ଼ା କାର୍ଯ୍ୟର ବ୍ୟବହାର
- ଦଳଗତ କାର୍ଯ୍ୟର ବ୍ୟବହାର
- ପାଠ୍ୟ ପାଇଁ ଯୋଜନା
- ଚିନ୍ତା ଶକ୍ତିର ବୃଦ୍ଧି ପାଇଁ ପ୍ରଶ୍ନ ବ୍ୟବହାର
- ପାଣ୍ଡିତ୍ୟ ପାଇଁ କଥା କହିବା
- ସମସ୍ତଙ୍କୁ ସାମିଲ କରିବା

ଭିଡ଼ିଓ: ବିଦ୍ୟାଳୟର ନେତୃତ୍ୱ- ଶିକ୍ଷାଦାନ ଓ ଶିକ୍ଷଣକୁ ନେ୍ତୃତ୍ୱ ଦେବ।

ଆପଣଙ୍କ ଅଧ୍ୟୟନରୁ ଲବ୍ଧ ଜ୍ଞାନ ପାଇଁ ଥିବା ସମସ୍ତ ଉଦାହରଣକୁ ଲକ୍ଷ୍ୟ କରିଥିବେ, ବିକାଶର ଦିଗ ଜଣେ ଶିକ୍ଷକ କିମ୍ବା ନିଜର ସହକର୍ମୀଙ୍କ ସହ ମିଶି ବାହାର କରିହେବ ଏବଂ କାର୍ଯ୍ୟଗୁଡ଼ିକୁ ଯୋଜନାଗତ ଭାବେ ଶିକ୍ଷାରେ ସାମିଲ କରିବାକୁ ହେବ। ଅନ୍ୟ ଅର୍ଥରେ, ଏହା ସବୁକିଛି ନୁହେଁ ଯାହା ସେମାନଙ୍କ ଦ୍ୱାରା ସମ୍ଭବ, ମାତ୍ର କେତେକ ସେମାନଙ୍କୁ ସମୃଦ୍ଧି କରିବାରେ ସହାୟତା ପ୍ରଦାନ କରିବେ। ଏହାର ଅର୍ଥ ନୁହେଁ ଯେ ଜଣେ ମୁଖ୍ୟ ଭାବେ ଆପଣଙ୍କୁ ପ୍ରମୁଖ ଲକ୍ଷଣ କିମ୍ବା ବିକାଶ ପାଇଁ ପ୍ରସ୍ତାବ ଦେବାର ସୁଯୋଗ ମିଳିବ ନାହିଁ, କିନ୍ତୁ ଏହା ପରସ୍ପରର ସହଯୋଗ ଓ ସହଯୋଗିତା ମାଧ୍ୟମରେ ଶିକ୍ଷଣର ଅଗ୍ରଗତି ନିମନ୍ତେ କରିହେବ । ବିଦ୍ୟାଳୟର ମୁଖ୍ୟ ଭାବେ ଆପଣଙ୍କୁ ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ଲବ୍ଧ ଜ୍ଞାନ ବୃଦ୍ଧି ନିମନ୍ତେ ଅଧିକରୁ ଅଧିକ ସୁବିଧା ସୁଯୋଗ ପ୍ରଦାନ କରିବାକୁ ହେବ।

## ଶିକ୍ଷଣକାର୍ଯ୍ୟ ୩ : ଶିକ୍ଷଣ ସୁଯୋଗଗୁଡ଼ିକୁ ଚିହ୍ନଟ କରିବା

କାର୍ଯ୍ୟ ଧାରା –୨ ରେ ଶ୍ରୀମତୀ ଗୁପ୍ତାଙ୍କ ସମ୍ବନ୍ଧରେ କୁହାଯାଇଥିବା ତଥ୍ୟରେ ନିଜର ମତାମତ ଉପରେ ପର୍ଯ୍ୟବେଶିତକରି, ଉପର ବର୍ଣ୍ଣିତ ବୃତିଗତ ଶିକ୍ଷା ଓ ବିକାଶର ଆଲୋଚ୍ୟ ବିଷୟ ମଧ୍ୟରୁ, ସେ ବ୍ୟବହାର କରିପାରୁଥିବା ୫ଟି କାର୍ଯ୍ୟକୁ ବାହାର କରନ୍ତୁ । ତାଙ୍କର କ୍ରିୟାତ୍ମକ ଶିକ୍ଷା, ଅଭ୍ୟାସ କାର୍ଯ୍ୟରେ ପ୍ରତିଫଳନ, ବ୍ୟକ୍ତିଗତ ଶିକ୍ଷା, ଦଳଗତ ଶିକ୍ଷଣ କିମ୍ବା ଜଣେ ଅନୁଭବି କିମ୍ବା ମୁଖ୍ୟ ଭାବେ ଶିକ୍ଷାଦାନ କରିବାପାଇଁ ଆପଣ କିଛି ବିକଳ୍ପ ଉପାୟ କଥା ଚିନ୍ତା କରିପାରିବେ । ପ୍ରକୃତ ଅବସ୍ଥାରେ ପାଠ ପଢ଼ା ପାଇଁ ଅଳ୍ପ ତଥ୍ୟ ଯୋଗୁଁ କେବେ ଅସୁବିଧା ମନେକରନାହିଁ: ଯେ ଯେମିତି ଉନ୍ନତି କରିପାରିବ, ସେଥିପାଇଁ ଆପଣ କିଛି ନୂଆ ଉପସ୍ଥାପନ କରିପାରିବେ, କିମ୍ବା ସେ ଆପଣଙ୍କୁ ଆପଣଙ୍କର ଜଣେ ସହକର୍ମୀ ହିସାବରେ ମନେ ପକେଇପାରିବେ, ଯାହାଦ୍ୱାରା ଆପଣ ଏହି କାର୍ଯ୍ୟଟିକୁ ଏବଂ ନିଜ ବିଦ୍ୟାଳୟରେ ନିଜ ମନ ଅନୁଯାୟୀ କରିପାରିବେ ।

ଆପଣଙ୍କର ଶିକ୍ଷଣ ପୁସ୍ତିକାରେ ଗୋଟିଏ ଉପଯୁକ୍ତ କାର୍ଯ୍ୟକୁ ଲିବିପଦ୍ଧ କରି ରଖନ୍ତୁ ।

### ଆଲୋଚନା

ଶ୍ରୀମତୀ ଗୁପ୍ତା ବିଦ୍ୟାଳୟରେ ତାଙ୍କର ଦକ୍ଷତା ବୃଦ୍ଧି କରିବା ପାଇଁ ବାସ୍ତବରେ ଆପଣ ଅନେକଗୁଡ଼ିଏ ତଥ୍ୟ ସମ୍ବନ୍ଧରେ ଚିନ୍ତା କରିସାରିଲେଣି। ଉଦାହରଣ ସ୍ୱରୂପ ଅନ୍ୟ ଦୃଢ଼ ନିଶ୍ଚିତ ଶିକ୍ଷକଙ୍କୁ ଦୃଷ୍ଟି ଦେବା ପାଇଁ ଆପଣ ପ୍ରସ୍ତାବ ଦେଇସାରିଲେଣି, କଠିନ ବିଜ୍ଞାନ ବିଷୟରେ ଶିକ୍ଷାଦାନ କିମ୍ବା ନିଜ ଜ୍ଞାନର ଶୂନ୍ୟସ୍ଥାନ ସେ କିଭଳି ବିଜ୍ଞାନ ଶିକ୍ଷକଙ୍କ ଶିକ୍ଷା ଗ୍ରହଣ ଦ୍ୱାରା କରିପାରିବେ। ଆପଣ ମଧ୍ୟ ମତ ଦେଇସାରିଲଣି ଯେ ବିଦ୍ୟାଳୟ ଏପରି ଏକ ନର୍ତ୍ତକ ଯେଉଁଠି ପ୍ରତ୍ୟେକ ସପ୍ତାହରେ ପ୍ରତ୍ୟେକ ବିଷୟରେ କିଛି କିଛି ପାଠର ଅଗ୍ରଗତି ଘଟିଥାଏ ଏବଂ ଏଥିରେ ଅଗ୍ରଣୀ ଭୂମିକା ନିଭେଇବାକୁ ଆପଣ ଶ୍ରୀମତୀ ଗୁପ୍ତାଙ୍କୁ କହିପାରିବେ। ଏହା ସହିତ ଆପଣ ମଧ୍ୟ ଶ୍ରୀମତୀ ଗୁପ୍ତାଙ୍କ ଯେକୌଣସି ଏକ ଶିକ୍ଷାଦାନକୁ ଲକ୍ଷ୍ୟ କରିପାରିବେ ଏବଂ ଶ୍ରେଣୀର ଆଗ ଧାଡ଼ି ଓ ପଛ ଧାଡ଼ିରେ ବସୁଥିବା ଶିକ୍ଷାର୍ଥୀଙ୍କ ମଧ୍ୟରେ ଥିବା ପ୍ରଭେଦ ସମ୍ବନ୍ଧରେ ଆପଣ ନିଜର ମତାମତ ମଧ୍ୟ ତାଙ୍କୁ ଦେଇପାରିବେ ।

ବହୁ ଶ୍ରେଣୀ ପରିସ୍ଥିତି ପାଇଁ ଥିବା ସମସ୍ୟା ଓ ସମାଧାନର କର୍ଥାବାର୍ତ୍ତା, ଦଳରେ ଥିବା ସମସ୍ତ କର୍ମକର୍ତ୍ତାଙ୍କ ମଧ୍ୟରେ ହେବା ଉଚିତ, ଯାହା ସମସ୍ତଙ୍କର ବିକାଶ ପାଇଁ ଏକ ଉପଯୁକ୍ତ ମାର୍ଗ ପ୍ରଦାନ କରିବ। ଶ୍ରୀମତୀ ଗୁପ୍ତା ପୁଣି ସତଜେ ହୋଇ ନିଜ ଶିକ୍ଷାଦାନ ଅଭ୍ୟାସ ଦକ୍ଷତା ଅଭିବୃଦ୍ଧି କରିପାରିବେ, ଏବଂ ନିଜ ଚତୁଃପାର୍ଶ୍ୱରେ ଥିବା ସହକର୍ମୀଙ୍କ ସହଯୋଗରେ ବିଦ୍ୟାଳୟରେ ଶିକ୍ଷାର୍ଥୀଙ୍କ ଶିକ୍ଷଣକୁ ବୃଦ୍ଧି କରିପାରିବେ, ଯାହାଦ୍ୱାରା ନିଜ ସମସ୍ୟାର ସମାଧାନ ପାଇପାରିବେ । ଆପଣ ଏହା ମଧ୍ୟ ଲକ୍ଷ୍ୟ କରିଥିବ ଯେ ପ୍ରଦର୍ଶନ କରିବାରେ ଶ୍ରୀମତୀ ଗୁପ୍ତା ବହୁତ ଖୁସି ଅନୁଭବ କରନ୍ତି ଏବଂ ତାଙ୍କଠାରେ ଥିବା ଗୁଣକୁ ଅନ୍ୟ ଶିକ୍ଷକଙ୍କଠାରେ ବୃଦ୍ଧି କରିହେବ । ତାଙ୍କର ମୁଖ୍ୟ ଗୁଣ ହେଉଛି ପ୍ରେରଣା ଦେବା ଏବଂ ଏହି କାରଣରୁ ଶ୍ରୀମତୀ ଗୁପ୍ତାଙ୍କ ସହି ମିଶି ଆବଶ୍ୟକତା ଗୁଡ଼ିକୁ ଚିହ୍ନଟ କରିବା। ତାହାର ସଫଳ ରୂପାୟନ ପାଇଁ ଯୋଜନା ପ୍ରସ୍ତୁତିରେ ଗୁରୁତ୍ୱ ରହିଛି। ସେ ଅଧିକରୁ ଅଧିକ ଉତ୍ସାହୀ ଭାବରେ କାର୍ଯ୍ୟରେ ବ୍ୟସ୍ତ ରହିବେ ଯଦି ସେ ନିଜର ଦକ୍ଷତା, ଆବଶ୍ୟକତା, ଅଗ୍ରାଧିକାର ଓ ମିଳିଥିବା ସୁଯୋଗରେ ରାଜିହୋଇ ଆଲୋଚନାରେ ଭାଗ ନେବେ ।

ଶ୍ରୀମତୀ ଗୁପ୍ତା ପ୍ରକୃତରେ ଜଣେ ଦକ୍ଷ ଶିକ୍ଷକ ଯିଏ ବିଦ୍ୟାଳୟର କୌଣସି କାର୍ଯ୍ୟ ପାଇଁ ପୂର୍ଣ୍ଣ ପ୍ରସ୍ତୁତ ଥା'ନ୍ତି, ତେଣୁ ସେ ନିଜର ବୃତ୍ତିଗତ ଶିକ୍ଷା ଓ ବିକାଶ ଦିଗରେ ଆଗ୍ରହୀ ନୁହନ୍ତି । କିନ୍ତୁ ତାଙ୍କର ପ୍ରକୃତ ଦକ୍ଷତା ବିଦ୍ୟାଳୟ ପାଇଁ ଏକ ମୂଲ୍ୟବାନ ସମ୍ପତ୍ତି ଅଟେ ଏବଂ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାର ଆବଶ୍ୟକତା ରହିଛି । ତାଙ୍କର ବୃତ୍ତିଗତ ଶିକ୍ଷା ଓ ବିକାଶର କଥାବାର୍ତ୍ତା, ଦକ୍ଷତା ଏବଂ ଆବଶ୍ୟକତା ଓ ସମସ୍ତ ଆବଶ୍ୟକତାକୁ ଏକ ସମୟରେ  ସମାଧାନ କରିବା ମଧ୍ୟରେ ଭାରସାମ୍ୟ ରକ୍ଷା କରେ।

ଆପଣଙ୍କ ନିକଟରେ ଅନେକ ଶିକ୍ଷକ ଥିବେ, ଯେଉଁମାନେ ଶିଖିବାର ସୁଯୋଗକୁ ଗ୍ରହଣ କରିବା ପାଇଁ ଇଚ୍ଛୁକ ଥିବେ ଏବଂ ଯେଉଁମାନେ ଆପଣଙ୍କର ଇଚ୍ଛାକୁ ସେମାନଙ୍କର ବୃତ୍ତିଗତ ଶିକ୍ଷା ଓ ବିକାଶର ଉନ୍ନତି ପାଇଁ ସ୍ୱାଗତ କରିବେ ।

## ଶିକ୍ଷଣକାର୍ଯ୍ୟ ୪ : କାର୍ଯ୍ୟକାରୀ ଯୋଜନାର ପ୍ରସ୍ତୁତି

ବିଦ୍ୟାଳୟର ମୁଖ୍ୟଭାବେ ଆପଣ ଶ୍ରୀମତୀ ଗୁପ୍ତାଙ୍କର ଆବଶ୍ୟକତା ଓ ସୁଯୋଗକୁ ଚିହ୍ନଟ କରିବା ପାଇଁ କାମ କରିସାରିଛନ୍ତି। ବର୍ତ୍ତମାନ, ଆପଣ ଆପଣଙ୍କର ଧ୍ୟାନ ଆପଣଙ୍କର କର୍ମଚାରୀ ଓ ବିଦ୍ୟାଳୟ ଆଡ଼କୁ ଦେବାର ଆବଶ୍ୟକତା ରହିଛି । ଜଣେ କିମ୍ବା ଦୁଇଜଣ ଶିକ୍ଷକଙ୍କ ସହ କାର୍ଯ୍ୟ କରନ୍ତୁ ଯେଉଁମାନେ ସେମାନଙ୍କର ବୃତିଗତ ଶିକ୍ଷା ଓ ବିକାଶ ପାଇଁ ଉତ୍ସାହୀ ଏବଂ ଆପଣଙ୍କ ଆଗ୍ରହ ଦ୍ୱାରା ସେମାନେ ଅନୁପ୍ରାଣିତ ଅଟନ୍ତି। ଶିକ୍ଷଣକାର୍ଯ୍ୟ-୨ ଓ ୩ ରେ ଦିଆଯାଇଥିବା ପ୍ରତ୍ୟେକ ଉପାୟକୁ ସମସ୍ତ ଶିକ୍ଷକ ଜାଣିବା ଉଚିତ ଏବଂ ଏକ ଯୋଜନା ପ୍ରସ୍ତୁତ ପାଇଁ ସମସ୍ତେ ଏକତ୍ରିତ ଭାବେ କାର୍ଯ୍ୟ କରିବା ଉଚିତ । ସମ୍ବଳ -୪ କୁ ଆପଣ ଯୋଜନା ପାଇଁ ବ୍ୟବହାର କରିପାରିବେ । ଅଧିକ କାର୍ଯ୍ୟସ୍ଥିର କରିବା ଆବଶ୍ୟକ ନାହିଁ, ୪ କିମ୍ବା ୫ ଟି କାର୍ଯ୍ୟ ଉପଯୁକ୍ତ ଅଟେ । ସେଗୁଡ଼ିକୁ ଅଧିକ ଜଟିଳ କରିବା ଆବଶ୍ୟକ ନାହିଁ, କାରଣ ଆପଣଙ୍କୁ ଏହା ସହିତ ଅନେକ ଗୁଡ଼ିଏ ଅନ୍ୟ କାର୍ଯ୍ୟ ସଂମ୍ପାଦନ କରିବାକୁ ହେବ । ମନେରଖନ୍ତୁ ଯେ ବୃତ୍ତିଗତ ଶିକ୍ଷା ଓ ବିକାଶ ଏକ ବାରମ୍ୱାର ପ୍ରକ୍ରିୟା ଏବଂ ଆପଣଙ୍କର ଶିକ୍ଷକ ବର୍ଷ ବର୍ଷଧରି କାର୍ଯ୍ୟ କରି ଏହାର ବିକାଶ କରିଥା'ନ୍ତି ।

କର୍ମଚାରୀଙ୍କ ବୈଠକରେ ଆପଣ ଏକ ଅଧିବେଶନ ନେବାକୁ ପସନ୍ଦ କରିପାରନ୍ତି, ଯେଉଁଠି ଆପଣ ଆପଣଙ୍କର ଚିନ୍ତାଧାରା ଉପସ୍ଥାପନ କରିପାରିବେ ଏବଂ ପ୍ରଥମେ ବୃତ୍ତିଗତ ଶିକ୍ଷା ଓ ବିକାଶ ଉପରେ ଆଲୋଚନା ପାଇଁ ଇଚ୍ଛାକୃତ ଭାବେ ପଚାରିପାରନ୍ତି କିମ୍ବା ଆପଣ ଏହାକୁ ଅନୌପଚାରିକ ଭାବେ କରିପାରନ୍ତି । ଯେକୌଣସି ଉପାୟରେ ହେଉ ପଛେ ଆପଣଙ୍କୁ ଆପଣଙ୍କ ବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ବୃତ୍ତିଗତ ଶିକ୍ଷା ଓ ବିକାଶ ସାଧନ ପାଇଁ ଏକ ଯୋଜନା ଆଧାରରେ କାର୍ଯ୍ୟ କରିବାକୁ ହେବ । ଆପଣ ଦେଖିବେ ଆପଣଙ୍କର ଏହି କାର୍ଯ୍ୟକୁ ଆଗକୁ ନେବା ପାଇଁ ଦୁଇଜଣ ସ୍ୱେଚ୍ଛାକୃତ କର୍ମଚାରୀଙ୍କ ଆବଶ୍ୟକ ପଡ଼ିପାରେ । ଆପଣ ଯୋଜନା କରିଥିବା କାର୍ଯ୍ୟରେ କୌଣସି ଏକ ଉପାଦାନ ଆହ୍ୱାନ ସୃଷ୍ଟି କରିପାରେ, ତେଣୁ ଏହା ଶିକ୍ଷକଙ୍କ ସାମର୍ଥ୍ୟକୁ ଦୃଢ଼ କରିପାରିବ ଏବଂ ତାହାକୁ ଏକ ନୂଆ ରୂପରେ ଆଣିଥାଏ । ମାତ୍ର ଯୋଜନାଟି ନିଶ୍ଚିତ ଭାବେ ଗ୍ରହଣୀୟ ଏବଂ ସମୟ ସାପେକ୍ଷ ହୋଇଥିବ । ମାତ୍ର ସମସ୍ତ କାର୍ଯ୍ୟରେ ଶିକ୍ଷାର୍ଥୀଙ୍କ ପ୍ରତ୍ୟାଶିତ ଫଳାଫଳର ବୃଦ୍ଧିର ଲକ୍ଷ୍ୟ ରହିବା ନିହାତି ଆବଶ୍ୟକ।

### ଆଲୋଚନା

ବିଦ୍ୟାଳୟର ନୀତିଦିନିଆ କାର୍ଯ୍ୟକ୍ରମରେ ଏମିତି ଏକ ବ୍ୟବସ୍ଥା ରହିବା ଆବଶ୍ୟକ, ଯେଉଁଠି ବୃତ୍ତିଗତ ଶିକ୍ଷା ଓ ବିକାଶର ମନୋଭାବ ଦୃଢ଼ଭାବେ ସ୍ଥାପିତ ହେବ ଏବଂ ବିଦ୍ୟାଳୟରେ ପ୍ରତ୍ୟେକ ନିଜକୁ ଜଣେ ସହ ଶିକ୍ଷାର୍ଥୀ ରୂପେ ଦେଖିବା ଆବଶ୍ୟକ। ଆପଣଙ୍କ ବିଦ୍ୟାଳୟର ବୃତ୍ତିଗତ ଶିକ୍ଷା ଓ ବିକାଶକୁ ସାଧାରଣ ଭାବେ ବୁଝିବାକୁ ହେଲେ ଆପଣଙ୍କୁ ଯୋଡ଼ିରେ କିମ୍ବା ଦଳରେ ଆଲୋଚନା କରି ଏହାର ସମାଧାନ ବାହାର କରିପାରିବେ, ତେଣୁ ଜ୍ଞାନର ବିକାଶ ପକ୍ରିୟାକୁ ତ୍ୱରାନ୍ୱିତ କରିବାର ଏକ ରୀତି ବୃଦ୍ଧି ପାଇବ। ଯଦି ସମସ୍ତ କର୍ମଚାରୀ, କେବଳ ଶିକ୍ଷକ ନୁହନ୍ତି, ନିଜର ବିକାଶ ପ୍ରକ୍ରିୟାରେ ସାମିଲ ହୁଅନ୍ତି, ତେବେ ଶିକ୍ଷାର୍ଥୀ ମଧ୍ୟ ଜାଣିପାରିବେ ଯେ ଏହା ସେମାନଙ୍କର ଜୀବନ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହା ବିଦ୍ୟାଳୟର ଭାବଧାରାକୁ ପରିବର୍ତ୍ତନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ।

## ୪ ବିକାଶ କାର୍ଯ୍ୟର ରେକର୍ଡ଼ ରଖିବା

ବିଦ୍ୟାଳୟର ମୁଖ୍ୟ ଭାବେ ଆପଣଙ୍କର ପ୍ରଧାନ କର୍ତ୍ତବ୍ୟ ହେଉଛି ବିକାଶ କାର୍ଯ୍ୟରେ ଅଂଶଗ୍ରହଣ କରୁଥିବା ସମସ୍ତ କର୍ମଚାରୀଙ୍କ ରେକର୍ଡ଼ ରଖିବା । ଶିକ୍ଷାର୍ଥୀଙ୍କ ଶିକ୍ଷାକୁ ସହଯୋଗିତା ମଧ୍ୟରେ ବଢ଼ାଇବା ଏବଂ କର୍ମଚାରୀଙ୍କ ଦକ୍ଷତା ବଢ଼ାଇବା ପାଇଁ ଆପଣ କରିଥିବା ସଂକଳ୍ପର

ଏହା ହେଉଛି ଏକ ନମୁନା। ପୂର୍ବ ଆଲୋଚ୍ୟ ଅଧ୍ୟାୟ ଅନୁଯାୟୀ ଆପଣ ରେକର୍ଡ଼ ଫର୍ଦ୍ଦର ବ୍ୟବହାର ଏବଂ ତାଲିମ ଶିବିରର ଉପସ୍ଥାପନର ରେକର୍ଡ଼ ମଧ ରଖିପାରିବେ। ଆପଣ କେବଳ ଶିକ୍ଷକଙ୍କ ପ୍ରଗତିର ଧାରାକୁ ସୁଧାରୁ ନାହାଁନ୍ତି ବରଂ କେତେକ ପଦକ୍ଷେପ ମଧ ନେଇପାରିବେ ଯାହା ବିଦ୍ୟାଳୟର ଉନ୍ନତି ପାଇଁ ବାଧା ସୃଷ୍ଟି କରିଥାଏ ।

ଏବେ ମଧ ପ୍ରତ୍ୟେକ ଶିକ୍ଷକଙ୍କ ଦାୟିତ୍ୱ ଯେ ସେମାନଙ୍କର ଉନ୍ନତିର ରେକର୍ଡ଼ ନିଜ ପାଖରେ ରଖିବା ଏକାନ୍ତ ଆବଶ୍ୟକ । ଏହା ବେଳେବେଳେ ତାରିଖ ଓ ନେଇଥିବା ଶ୍ରେଣୀର ସୂଚନା ପ୍ରଦାନ କରିଥାଏ ମାତ୍ର ବିଦ୍ୟାଳୟ ଜନିତ ବୃତ୍ତିଗତ ଶିକ୍ଷା ଓ ବିକାଶର ଉନ୍ନତି ପାଇଁ କୌଣସି ରେକର୍ଡ଼ର ଆବଶ୍ୟକତା ନାହିଁ। ଏହା ସମ୍ପାଦନ କରିବା ପାଇଁ ଶିକ୍ଷଣ ପୁସ୍ତିକା କିମ୍ବା ପୋର୍ଟଫୋଲିଓକୁ ଏକ ଉପାୟ ରୂପେ ଗ୍ରହଣ କରାଯାଇପାରିବ। ଏହା କରିବାର ଅର୍ଥ ନୁହେଁ ଯେ ଜଣେ ଶିକ୍ଷକ ନିଜର ଉନ୍ନତି ପଥରେ ଅଛି, ମାତ୍ର ସେମାନେ ନିଜର ରେକର୍ଡ଼କୁ ନିଜର କାର୍ଯ୍ୟଧାରାର ଉନ୍ନତି ପାଇଁ ଏକ ପ୍ରମାଣ ରୂପେ ବ୍ୟବହାର କରିପାରିବେ ଏବଂ ସେମାନଙ୍କର ବୃତିଗତ ବିକାଶ ପାଇଁ କରିଥିବା ପ୍ରତିଜ୍ଞାକୁ ପ୍ରତିପାଦନ କରିପାରିବେ ।

## ପରିସ୍ଥିତି ଅଧ୍ୟୟନ ୨ : ଶ୍ରୀମାନ୍ ବ୍ରହ୍ମଙ୍କ ବିଦ୍ୟାଳୟ ଜନିତ ବୃତ୍ତିଗତ ଶିକ୍ଷା ଓ ବିକାଶର ରେକର୍ଡ଼

ବ୍ରହ୍ମ ମହାଶୟ ଶିକ୍ଷକତାକୁ ଭଲ ପାଆନ୍ତି । ତାଙ୍କର ବାପା ଓ କାକୀ ମଧ ଶିକ୍ଷକ ଥିଲେ ଏବଂ ସେ ନିଜ ରକ୍ତରେ ଶିକ୍ଷକତାକୁ ଅନୁଭବ କରିଛନ୍ତି । ଯୋଗ୍ୟ ବିବେଚିତ ହେବା ପରେ ଏକ ନ୍ୟୁନତମ ସହରରେ ଥିବା ଏକ ମଧ୍ୟବର୍ତ୍ତୀ ବିଦ୍ୟାଳୟରେ ନିଜର ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ । ଦୁଇ ବର୍ଷ ପରେ ସେ ଅନୁଭବ କଲେକି ସେ କିଛି ନୂତନ ଧାରଣା ଆବଶ୍ୟକ କରୁଛନ୍ତି ମାତ୍ର ଯଦିଓ ତାଙ୍କର ଶିକ୍ଷାର୍ଥୀ ଉତ୍ସାହିତ ଭଳି ଲାଗୁଥିଲେ ଏବଂ ତାଙ୍କର ଶିକ୍ଷାରେ ଅନୁପ୍ରାଣିତ ଥିଲେ, ତଥାପି ସେ ଅନୁଭବ କଲେ କି ଯେ ସେ ସବୁ କିଛିକୁ ଅଭ୍ୟାସରେ ପରିଣତ କରିବେ ଯାହାକି ସେ ନିଜର ପ୍ରାକ୍ ସେବା ପାଠ୍ୟକ୍ରମରେ ପଢ଼ିଥିଲେ ।

ବ୍ରହ୍ମ ମହାଶୟ ନିଜ ବିଦ୍ୟାଳୟର ମୁଖିଆଙ୍କ ସହ କଥା ହେଲେ ଯିଏ ତିନୋଟି ବୃତ୍ତିଗତ ଶିକ୍ଷା ଓ ବିକାଶ ଜନିତ କାର୍ଯ୍ୟ ଉପସ୍ଥାପନ କଲେ ଯାହାକୁ ସେ ବିଦ୍ୟାଳୟରେ ପ୍ରତିପାଦନ କରିପାରିବେ । ପ୍ରଥମେ ନିରୀକ୍ଷଣ ଏବଂ ଶ୍ରୀମାନ୍ ପଣ୍ଡା (ଯାହାଙ୍କୁ ଜଣେ ବିଚକ୍ଷଣ ଶିକ୍ଷକ ରୂପେ ବିବେଚନା କରାଯାଏ)ଙ୍କ ବିଜ୍ଞାନ ପାଠରୁ ଶିକ୍ଷଣ ; ଦ୍ୱିତୀୟରେ ତାଙ୍କର ତଥ୍ୟକୁ ଅନୁକରଣ କରିବା ସହ ଏହାକୁ ଗଣିତ ଓ କ୍ରୀଡ଼ା ଶିକ୍ଷଣରେ ଜଡ଼ିତ କଲେ ଯାହା ଶିକ୍ଷାର୍ଥୀଙ୍କୁ ଗଣିତରେ ବ୍ୟସ୍ତ ରହିବାରେ ଉତ୍ସାହିତ କଲା ; ତୃତୀୟରେ, ନିଜର ଜ୍ଞାନ ଏବଂ ଦକ୍ଷତାକୁ ଜଣେ ଅଭିଜ୍ଞ ଶିକ୍ଷକ ଭାବେ ଅନ୍ୟ ଜଣେ ଶିକ୍ଷକ (ଯିଏ ପରବର୍ତ୍ତୀ ଅବସ୍ଥାରେ ଯୋଗଦାନ କରିଥିଲେ)ଙ୍କୁ ପ୍ରଦାନ । ବ୍ରହ୍ମ ମହାଶୟ ରାଜି ଯେ ଏହି ସମସ୍ତ ପ୍ରକ୍ରିୟା ବହୁତ ଦରକାର ଅଟେ । ସଂକ୍ଷିପ୍ତ ଯୋଜନାରେ ରାଜି, ହୋଇଥିଲେ ଯେଉଁଟାକି ବ୍ରହ୍ମ ମହାଶୟ ଫାଇଲ୍ ଏବଂ ତାଙ୍କର ଖାତାରେ ସ୍ଥାନିତ ।

ଯେତେବେଳେ ଶିକ୍ଷକ ବ୍ରହ୍ମ, ଶ୍ରୀଯୁକ୍ତ ପଣ୍ଡାଙ୍କ ଶିକ୍ଷାର ବିଷୟକୁ ଗଲେ, ନିଜର ପର୍ଯ୍ୟବେକ୍ଷଣ ପରେ ସେ ସବୁକୁ ଟିପି ରଖିଲେ ଏବଂ କିଭଳି ଯୋଜନା ପ୍ରସ୍ତୁତି ଏବଂ ଏକ ପାଠର ଉପସ୍ଥାପନ କରିହେବ, ସେ ବିଷୟରେ ଶ୍ରୀଯୁକ୍ତ ପଣ୍ଡାଙ୍କ ସହ କଥାବାର୍ତ୍ତା କଲେ। ଶ୍ରୀଯୁକ୍ତ ବ୍ରହ୍ମ ନିଜ ପାଠରୁ ଯାହା ଶିଖିଲେ ତାହାକୁ କିଭଳି ସେ ନୋଟ୍‌ବୁକ୍‌ରେ ବ୍ୟବହାର କରିପାରିବେ ସେ ସବୁକୁ ନିଜ ନୋଟ୍‌ବୁକ୍‌ରେ ଲିପିବଦ୍ଧ କରି ରଖିଲେ । ଦୁଇ ସପ୍ତାହ ପରେ ସେ ଦେଖିଥିବା ବିଜ୍ଞାନର ଏକ କାର୍ଯ୍ୟର ପୁନରାବୃତ୍ତି କଲେ ଏବଂ ଏହାର ଅଗ୍ରଗତି ସମ୍ବନ୍ଧରେ ଲିପିବଦ୍ଧ କରି ରଖିଲେ । ସେ ପ୍ରତ୍ୟେକ ତାରିଖରେ ନିଜର ନୋଟକୁ ଲିପିବଦ୍ଧ କରିବାକୁ କେବେ ଭୁଲନ୍ତି ନାହିଁ ଏବଂ ଯଦି ଏହା ଅନ୍ୟ କାହା ପାଇଁ କଷ୍ଟ ବୋଧ ହୁଏ ତେବେ ସେଥିପାଇଁ ବିଚଳିତ ହୁଅନ୍ତି ନାହିଁ – ଯଦି ସେ ଅନୁଭବକ୍ରନ୍ତି ଏହାକୁ ଯେ କୌଣସି ସମୟରେ ଲେଖିବା ପାଇଁ ତେବେ ସେହି ଅନୁଯାୟୀ ନିଜର କାର୍ଯ୍ୟ କରିଥାନ୍ତି।

ବ୍ରହ୍ମବାବୁ ନୂତନ ଶିକ୍ଷକଙ୍କୁ ସହାୟତା ଦେବା କାର୍ଯ୍ୟ କରିବା ପୂର୍ବରୁ ସେ ବିଭିନ୍ନ ଅନୁବନ୍ଧିତ ବହି ଓ ଇଣ୍ଟରନେଟ୍‌ରୁ ଏହି କାର୍ଯ୍ୟ ପାଇଁ ଭଲ ଅଭ୍ୟାସ କାର୍ଯ୍ୟ ଗୁଡ଼ିକୁ ଅନୁଧ୍ୟାନ କରନ୍ତି ଏବଂ ନିର୍ଭୁଲ ଭାବେ ନିଜର କାର୍ଯ୍ୟ ସମ୍ପାଦନ କରନ୍ତି । ଅନଲାଇନରୁ ସେ ଟେସ-ଇଣ୍ଡିଆର "ପଠିତ ବିଷୟ- ପାଣ୍ଡିତ୍ୟର ରୂପାନ୍ତର ଉପାୟ: ବ୍ୟକ୍ତିଗତ ପ୍ରଶିକ୍ଷଣ ଓ ପଥପ୍ରଦର୍ଶନ" ବିଷୟଟିକୁ ବାହାର କଲେ ଏବଂ ଜାଣିବାକୁ ପାଇଲେ ଯେ ଜଣେ ଶିକ୍ଷକ ବ୍ୟକ୍ତିଗତଭାବେ ଶ୍ରେଣୀରେ ଉପସ୍ଥିତ ନ ରହିଲେ ମଧ ଏହି ବହିଟିରୁ ସମର୍ଥ ହେବ। ଜଣେ

ବ୍ୟକ୍ତିଗତ ପ୍ରଶିକ୍ଷକ ଭାବେ ସେ ନିଜେ କଣ କଲେ ଓ କଣ କରିବାକୁ ଯାଉଛନ୍ତି, ସେ ସବୁକୁ ସାଇତି କରି ରଖନ୍ତି। ସେ ପୁଣି ଜାଣିବାକୁ ପାଇଲେ ଯେ ପ୍ରତିଫଳନ ପାଇଁ ଏହା ତାଙ୍କୁ ପ୍ରଶିକ୍ଷଣ କାର୍ଯ୍ୟରେ ସାହାଯ୍ୟ କରୁଛି, ଯେଉଁଥିରୁ ବୁଝାପଡୁଛି ଯେ ବିଦ୍ୟାଳୟର ମୁଖ୍ୟ ତାଙ୍କୁ କିଛି ପଚାରିଲେ ନିଜର ଅଭିଜ୍ଞତା ଅନୁଯାୟୀ ସେ କିଛି କହନ୍ତି।

ଯେଉଁ ରେକର୍ଡ଼ଟି ବ୍ରହ୍ମବାବୁ ରଖିଛନ୍ତି ତାହା କେବଳ ନିଜର ଆଖିକୁ ବୁଝେଇବା ପାଇଁ ଏବଂ ଏହା ମଧ୍ୟ ସଂପୂର୍ଣ୍ଣ ଅନୌପଚାରିକ ଥିଲା – ସେ ସେସବୁକୁ ନିଜ ଶିକ୍ଷକତାର ପ୍ରଥମ ବର୍ଷରେ ଆରମ୍ଭ କରିଥିଲେ ଏବଂ ଏବେ ମଧ୍ୟ ଏହି ଅଭ୍ୟାସକୁ ଜାରି ରଖିଛନ୍ତି । ତେଣୁ ପଛ ଘଟଣାକୁ ଅନୁଧ୍ୟାନ କରି କିପରି ସେ ଉନ୍ନତି କରିଛନ୍ତି, ତାହା ଜାଣିବାରେ ଏହା ସହାୟକ ହେଲା, ମାତ୍ର ସେ ନିଜକୁ ନିଜେ ମଧ୍ୟ ଅନୁଶୀଳନ କରିନ୍ତି ଯେ କ'ଣ କଲେ ସେ ଜଣେ ଭଲ ଶିକ୍ଷକ ହୋଇପାରିବେ । ଯେତେବେଳେ ସେ ଅନ୍ୟ ଏକ ଚାକିରି ପାଇଁ ଆଗଭର ହେଲେ ଏବଂ ନିଜର ବୟୋଡ଼ାଟାକୁ/ବ୍ୟକ୍ତିଗତ ତଥ୍ୟକୁ ପୁଣିଥରେ ପ୍ରସ୍ତୁତ କଲେ ଏବଂ ସାକ୍ଷାତକାର ପାଇଁ ପ୍ରସ୍ତୁତ ହେଲେ, ସେତେବେଳେ ତାଙ୍କର ପାଠଟିକା ମୂଲ୍ୟହୀନ ହୋଇଗଲା ।

## ଶିକ୍ଷଣକାର୍ଯ୍ୟ ୫: ନିଜ ରେକର୍ଡ଼ର ପ୍ରସ୍ତୁତି

ଯଦି ଆପଣ ଟେସ୍- ଇଣ୍ଡିଆର "କାର୍ଯ୍ୟନିର୍ବାହୀ ଏବଂ ନିଜସ୍ୱ ବିକାଶ କାର୍ଯ୍ୟନିର୍ବାହୀ ଏବଂ ତୁମର ବିକାଶ" ଅଧ୍ୟାୟଟି ପଢ଼ିଥିବେ, ଆପଣ ଚିନ୍ତା କଲେ ଜାଣିପାରିବେ ଯେ କିଭଳି ଆପଣଙ୍କର ଶିକ୍ଷକଙ୍କ ବୃତ୍ତିଗତ ଶିକ୍ଷା ଓ ବିକାଶ ଆପଣଙ୍କ ସହ ଆଗକୁ ଏକ ସମାନ୍ତରାଳ ଭାବେ ବଢୁଛି । ବିଦ୍ୟାଳୟର ମୁଖ୍ୟ ଭାବେ ଆପଣ ଏବେ ଚିନ୍ତା କରନ୍ତୁ ନିଜର ବୃତ୍ତିଗତ ଶିକ୍ଷା ଓ ବିକାଶ ବୃଦ୍ଧି ନିମନ୍ତେ ଆପଣ କିଭଳି ରେକର୍ଡ଼ ରଖିବେ । ଆପଣ ବ୍ରହ୍ମବାବୁଙ୍କ ଭଳି କ'ଣ ପ୍ରସ୍ତୁତ କରିଛନ୍ତି ? ଏହି ପରିସ୍ଥିତି ଅଧ୍ୟୟନ ଆଧାର କରି ଆପଣ ରଖିଥିବା ଆପଣଙ୍କର ସମସ୍ତ ରେକର୍ଡ଼ର ଏକ ତାଲିକା ପ୍ରସ୍ତୁତ କରନ୍ତୁ ଏବଂ କେଉଁଟିକୁ ସେ କିଭଳି ବ୍ୟବହାର କରୁଥିଲେ ତାହାର ଏକ ତାଲିକା ମଧ୍ୟ ପ୍ରସ୍ତୁତ କରନ୍ତୁ। ତେଣୁ ଏହା ଆପଣଙ୍କୁ ଆପଣଙ୍କର ବୃତ୍ତିଗତ ଶିକ୍ଷା ଓ ବିକାଶ କାର୍ଯ୍ୟ ପାଇଁ ରଖିଥିବା ରେକର୍ଡ଼କୁ ବୃଦ୍ଧି କରିବା ଦିଗରେ ସାହାଯ୍ୟ କରିବ ।

ଯଦି ଆପଣ ଏକ ଶିକ୍ଷଣ ଡାଏରୀ ରଖିଥାଅନ୍ତି, ତେବେ ଏହି ବିଷୟରେ ପଢ଼ିବା ସମୟରେ ଆପଣ ଏହା ସମ୍ବନ୍ଧରେ ଅଭ୍ୟସ୍ତ ହୋଇଯିବେ । ଜଣେ ଭଲ ବିଦ୍ୟାଳୟର ମୁଖ୍ୟଙ୍କ କାମ ହେଉଛି ଭଲ କାର୍ଯ୍ୟରେ ନମୁନା ପ୍ରସ୍ତୁତି କରିବେ, ଯେମିତି ସେ ସବୁକୁ ନିଜର ସମସ୍ତ ସହକର୍ମୀଙ୍କୁ ଦେଖାଇହେବ । ଯଦି ଆପଣ ପାଖରେ ଆପଣଙ୍କର ବିକାଶ ପାଇଁ ଏକ ନୋଟ୍‌ବୁକ୍ କିମ୍ବା ଫାଇଲ୍ ନାହିଁ, ତେବେ ଶୀଘ୍ର ପ୍ରସ୍ତୁତ କରନ୍ତୁ ।

ଆପଣଙ୍କର ବ୍ୟସ୍ତ ବହୁଳ କାର୍ଯ୍ୟ ଜୀବନ ମଧ୍ୟରୁ ପାଞ୍ଚ ମିନିଟ୍ ବାହାର କରନ୍ତୁ ଏବଂ ନିମ୍ନୋକ୍ତ ପ୍ରଶ୍ନଗୁଡ଼ିକୁ ଲିପିବଦ୍ଧ କରନ୍ତୁ

- ଆପଣ ଆପଣଙ୍କର ବୃତ୍ତିଗତ ଶିକ୍ଷା ଓ ବିକାଶର ରେକର୍ଡ଼ ରଖିବାରେ କ'ଣ ପ୍ରତିବନ୍ଧକ ଅଛି ?
- ଆଗକୁ ବଢୁଥିବା ସମୟରେ, ଆପଣ କେଉଁ କାର୍ଯ୍ୟକୁ ବନ୍ଦ କରିବେ ?
- ଆପଣ କିଭଳି ଭାବେ ନିଜର ବୃତ୍ତିଗତ ଶିକ୍ଷା ଓ ବିକାଶର କାର୍ଯ୍ୟଧାରା ଓ ପ୍ରତିଫଳନକୁ ଲିପିବଦ୍ଧ କରିପାରିବେ ?

ଆପଣ ମଧ୍ୟ ନିଜ ପାଇଁ ପ୍ରସ୍ତୁତ କରିଥିବା ରେକର୍ଡ଼କୁ ଯାଞ୍ଚ କରିବା ପାଇଁ ତାରିଖ ସ୍ଥିର କରିବା ଉଚିତ୍ ।

ଶୃଙ୍ଖଳା ଭାବେ ନିଜର ବୃତ୍ତିଗତ ଶିକ୍ଷା ଓ ବିକାଶର ରେକର୍ଡ଼ ରଖିଥିଲେ ଏହା ଆଣଙ୍କୁ ଆପଣଙ୍କ ଅଗ୍ରଗତି ସମ୍ବନ୍ଧରେ ସୂଚାଇବା ସହ ଆପଣଙ୍କର ଅସୁବିଧା ଓ ସୁଯୋଗକୁ ପ୍ରତିଫଳନ କରିବା ପାଇଁ ଆପଣଙ୍କୁ ଏକ ଉପାୟ ଦେଖାଇବ। ନିଜର ବୃତ୍ତିଗତ ଶିକ୍ଷା ଓ ବିକାଶର ପ୍ରଦର୍ଶନ ଏବଂ ଦକ୍ଷତାର ପ୍ରମାଣ ଦେବାର ସୁଯୋଗ ସୃଷ୍ଟି କରିବା ପାଇଁ ଏହି ରେକର୍ଡ଼ ଏକ ଉପଯୁକ୍ତ ମାଧ୍ୟମ ହୋଇପାରିବ । ଆପଣ ଆପଣଙ୍କର ଶିକ୍ଷକ ଓ ଶିକ୍ଷାର୍ଥୀଙ୍କୁ କ୍ରିୟାଶୀଳ କରିବା ପାଇଁ, ଆପଣ ମୁଖ୍ୟ ହିସାବରେ କେତେକ ଉଦାହରଣ ସୃଷ୍ଟି କରିବାକୁ ହେବ। ଶିକ୍ଷକଙ୍କ ବୃତ୍ତିଗତ ଶିକ୍ଷା ଓ ବିକାଶର ତଥ୍ୟ ବିଦ୍ୟାଳୟର ନିରନ୍ତର ଉନ୍ନତି ଏବଂ ମାନକୁ ବୃଦ୍ଧି କରିବାରେ ସୁଯୋଗ ସୃଷ୍ଟି କରିଥାଏ।

## ୫ ଆପଣଙ୍କ ବିଦ୍ୟାଳୟର ସୁଚିନ୍ତିତ ବୃତ୍ତିଗତ ଶିକ୍ଷା ଓ ବିକାଶ

ଏହି ବିଷୟରେ ଆପଣଙ୍କ ହୃଦୟଙ୍ଗମ ହୋଇସାରିଥିବ ଯେ ବିଦ୍ୟାଳୟରେ ବୃତିଗତ ଶିକ୍ଷା ଓ ବିକାଶ ସୁଚାରୁରୂପେ ପରିଚାଳନା କରାଯାଇପାରିବ ନାହିଁ ଏବଂ ଏହାକୁ ସୁଚାରୁରୂପେ ଆରମ୍ଭ କରିବା ପାଇଁ କେତେକ ସୁଚିନ୍ତିତ ପ୍ରସ୍ତାବର ଆବଶ୍ୟକତା ରହିଛି । କିନ୍ତୁ, ଆପଣ ନିଶ୍ଚିତ ଭାବେ ଚାହିଁବେ ଯେ ବୃତ୍ତିଗତ ଶିକ୍ଷା ଓ ବିକାଶ ପାଇଁ ଏକ ସୂଚିନ୍ତିତ ଉପାୟ ବିଦ୍ୟାଳୟର ସମସ୍ତ ଶିକ୍ଷକଙ୍କ ପାଇଁ ସବୁ ସ୍ତରରେ ଲାଗୁ ହେବା ଆବଶ୍ୟକ। ବିଦ୍ୟାଳୟ ପରିବେଶର ପ୍ରତ୍ୟେକ କର୍ମଚାରୀ ଶିକ୍ଷାଦାନ ପ୍ରକ୍ରିୟାର ଏକ ଅଂଶ ବିଶେଷ । ତେଣୁ ସେମାନେ ନିଜର ବୃତ୍ତିଗତ ବିକାଶ ସାଧନ ପାଇଁ ଉପଯୁକ୍ତ କାର୍ଯ୍ୟ ଏବଂ ଶିକ୍ଷା ଏକ ଜୀବନ ବ୍ୟାପୀ ପ୍ରକ୍ରିୟା ବୋଲି ଶିକ୍ଷାର୍ଥୀଙ୍କ ଆଗରେ ଉପସ୍ଥାପନ କରିବା ଆବଶ୍ୟକ।

ଯଦି ସମୟାନ୍ତରେ ବୃତ୍ତିଗତ ଶିକ୍ଷା ଓ ବିକାଶ ସାଧନ ହେଉଥାଏ ଏବଂ ସାଧାରଣ କାର୍ଯ୍ୟ ବିଦ୍ୟାଳୟରେ ଅନୁଷ୍ଠିତ ହେଉଛି, ତେବେ ସମସ୍ତ ଶିକ୍ଷକଙ୍କ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଏହା ଏକ ଭଲ ପ୍ରକ୍ରିୟା, ବିକାଶ କାର୍ଯ୍ୟକୁ ଆନୁଷ୍ଠାନିକ ଭାବେ ତଦାରଖ କରିବା ପାଇଁ ଏବଂ ଔପଚାରିକ କିମ୍ୱା ଅନୌପଚାରିକ ଭାବେ ତଥା ବ୍ୟକ୍ତିଗତ କିମ୍ୱା ଦଳଗତ କାର୍ଯ୍ୟ ମାଧ୍ୟମରେ ସେମାନଙ୍କର ବିକାଶ କରାଯାଇପାରିବ। ଯେଉଁଠି ସମସ୍ତ ସହକର୍ମୀ ଶିକ୍ଷାଲାଭ କରନ୍ତି, ତାହାଦ୍ୱାରା ସେମାନେ ପ୍ରେରଣା ଦାୟୀ ଏବଂ ସୃଜନ ଶକ୍ତି ସଂମ୍ପନ୍ନ ହୋଇଥା'ନ୍ତି। ଯେତେବେଳେ ସେମାନଙ୍କର ବୃତ୍ତିଗତ ଶିକ୍ଷା ଓ ବିକାଶ ପାଇଁ ଯୋଜନା, ତଦାରଖ, ପୁନର୍ବିଚାର କରନ୍ତି ସେମାନଙ୍କ ସହ କରାଯାଏ। ସେତେବେଳେ ସେମାନେ ସେମାନଙ୍କର ସଫଳତା ଓ ଆହ୍ୱାନଗୁଡ଼ିକୁ ସମସ୍ତ ଶିକ୍ଷକ ସମାଜ ସହ ଆଲୋଚନା କରନ୍ତି, ପ୍ରତିବଦଳରେ ସେମାନେ ତାଙ୍କର ପ୍ରତିଭା ଏବଂ କାର୍ଯ୍ୟକୁ ବିକାଶ କରିବାର ସୁଯୋଗ ପାଇବେ।

ଆପଣ ମଧ୍ୟ ନିମ୍ନଲିଖିତ କାର୍ଯ୍ୟ ପାଇଁ ଲକ୍ଷ୍ୟ ରଖିବେ

- ନିୟମିତ ଭାବରେ ବୃତ୍ତିଗତ ଶିକ୍ଷା ଓ ବିକାଶ ପାଇଁ ଶିକ୍ଷକଙ୍କ ସହିତ ଏବଂ ଶିକ୍ଷକଙ୍କ ମଧ୍ୟରେ ଆଲୋଚନା
- ବୃତ୍ତିଗତ ଶିକ୍ଷା ଓ ବିକାଶ ପାଇଁ ଉପଯୁକ୍ତ ତଥ୍ୟର ସୁଯୋଗ
- ସେମାନଙ୍କର ବୃତ୍ତିଗତ ଶିକ୍ଷା ଓ ବିକାଶର କାର୍ଯ୍ୟ ଯୋଜନା ପାଇଁ ଶିକ୍ଷକଙ୍କ ଦ୍ୱାରା ଯେଜାନା ପାଇଁ କାର୍ଯ୍ୟକାରୀ ପସ୍ତୁତ ହେବା
- ବୃତ୍ତିଗତ ଶିକ୍ଷା ଓ ବିକାଶ କାର୍ଯ୍ୟରେ ତଦାରଖ, ଉନ୍ନତିର ସୁଯୋଗ ଏବଂ ଏହି କାର୍ଯ୍ୟରେ ପ୍ରତ୍ୟାଶିତ ଫଳାଫଳ
- ବୃତ୍ତିଗତ ଶିକ୍ଷା ଓ ବିକାଶ କାର୍ଯ୍ୟର ଯୋଜନା, କାର୍ଯ୍ୟଧାରା ଏବଂ ଫଳାଫଳ

ଅବସର ସମୟରେ ଶିକ୍ଷାର୍ଥୀଙ୍କ ଶିକ୍ଷଣ ସ୍ତରର ମାନକୁ ବୃଦ୍ଧି କରିବାକୁ ହେଲେ ଆପଣଙ୍କୁ ବିଦ୍ୟାଳୟରେ ବୃତ୍ତିଗତ ଶିକ୍ଷା ଓ ବିକାଶ କାର୍ଯ୍ୟ ପାଇଁ ଏକ ଉପଯୁକ୍ତ ପରିସ୍ଥିତି ସୃଷ୍ଟି କରିବାକୁ ହେବ।

## ୬ ସାରାଂଶ

ଏହି ଏକକରେ, ଆପଣ ଜାଣିଲ ଯେ ଶିକ୍ଷକଙ୍କ ବିକାଶ ସାଧନ ପାଇଁ କଣ କରିବାକୁ ହେବ, ଏହା କ'ଣ ସାମିଲ କରିପାରୁଛି, ଏବଂ ବିଦ୍ୟାଳୟ ପରିସରରେ କଣ ଶିକ୍ଷା ଲାଭ କରିହେବ । ଶିକ୍ଷା ଲାଭ ପାଇଁ କେବଳ ପାଠ୍ୟକ୍ରମ କିମ୍ୱା ତାଲିମ ଏକମାତ୍ର ଉପାୟ ନୁହେଁ । ଶିକ୍ଷକତା ବୃତ୍ତି ପାଇଁ ନିରନ୍ତର ଶିକ୍ଷାଲାଭ ଏକାନ୍ତ ଆବଶ୍ୟକ। ତେଣୁ ବିଦ୍ୟାଳୟ ମୁଖ୍ୟଙ୍କର ଏକ ଗୁରୁ ଦାୟିତ୍ୱ ହେଉଛି ଯେ ସମସ୍ତ ସହକର୍ମୀଙ୍କ ବିକାଶ ସାଧନକୁ ନିରନ୍ତର କରିବା ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବା ।

ଆପଣ କେତେକ କାର୍ଯ୍ୟଧାରା ପାଇଁ ଚେଷ୍ଟା କରିଥିବେ, ଯାହା ଆପଣଙ୍କ ବିଦ୍ୟାଳୟରେ ବୃତ୍ତିଗତ ଶିକ୍ଷା ଓ ବିକାଶକୁ ପ୍ରୟୋଗ କରିବାରେ ସାହାଯ୍ୟ କରିଥିବ ଏବଂ କେତେକ ଘଟଣା ଅଧ୍ୟୟନରେ ବିଭିନ୍ନ ରାଜ୍ୟର ଶିକ୍ଷକଙ୍କୁ ନିଯୋଜିତ କରିବା ଏବଂ ସେମାନଙ୍କର ରେକର୍ଡ଼କୁ

ରଖିବାରେ ସାହାଯ୍ୟ ପ୍ରଦାନ କରିବ । ମାତ୍ର ସବୁଠାରୁ ଉତ୍ସାହଜନିତ କାର୍ଯ୍ୟ ସେତେବେଳେ ଘଟିବ, ଯେତେବେଳେ ଆପଣ ଆପଣଙ୍କର ସହକର୍ମୀଙ୍କ କାର୍ଯ୍ୟଧାରାର ବିକାଶ ପାଇଁ ନେତୃତ୍ୱ ନେବେ ଏବଂ ଯାହାକି ଶିକ୍ଷାର୍ଥୀଙ୍କ ଶିକ୍ଷା ଲାଭ ପାଇଁ ସହାୟକ ହେବ । ଯେଉଁ ଶିକ୍ଷକ ନିଜର ଶିକ୍ଷାଲାଭ ପାଇଁ ପ୍ରତିଶ୍ରୁତି ବଦ୍ଧ, ବାସ୍ତବରେ ସେମାନେ ଶିକ୍ଷାର୍ଥୀଙ୍କ ଶିକ୍ଷାଲାଭ ପାଇଁ ସେମାନଙ୍କ ଢ଼ଙ୍ଗରେ ପିଲାଙ୍କୁ ପ୍ରେରଣା ଯୋଗାଇପାରିବେ । ଏହି ଏକକ ମୁଖ୍ୟତଃ ପଠିତ ବିଷୟ- ପାଣ୍ଡତ୍ୟର ରୂପାନ୍ତର ଉପାୟର' ମୁଖ୍ୟ ଦିଗ ଉପରେ ପର୍ଯ୍ୟବେସିତ । ଆପଣ ଲକ୍ଷ୍ୟ କରିବେ ଯେ ଏହା ଆପଣଙ୍କୁ ପରବର୍ତ୍ତୀ ଏକକରେ ଆପଣଙ୍କର ଜ୍ଞାନ ଓ କୌଶଳକୁ ବୃଦ୍ଧି କରିବାରେ ସହାୟକ ହେବ।

- *ପ୍ରାରମ୍ଭିକ ବିଦ୍ୟାଳୟରେ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାକୁ ବୃଦ୍ଧି କରିବାର ମୁଖ୍ୟ ଭୂମିକା*
- *ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାକୁ ବୃଦ୍ଧି କରିବାର ମୁଖ୍ୟ ଭୂମିକା*
- *ବିଦ୍ୟାଳୟରେ ମାନ ନିର୍ଦ୍ଧାରଣର ମୁଖ୍ୟ ଭୂମିକା*
- *ଶିକ୍ଷକଙ୍କ କାର୍ଯ୍ୟ ସମ୍ପାଦନର ଅଭିବୃଦ୍ଧି ସହାୟତା ପ୍ରଦାନ।*
- *ସହାୟତା ଓ ପଥ ପ୍ରଦର୍ଶକ*
- *ଆପଣଙ୍କ ବିଦ୍ୟାଳୟରେ ସମନ୍ୱିତ ଶିକ୍ଷାର ବିକାଶ*
- *ଶିକ୍ଷାର୍ଥୀଙ୍କ ଶିକ୍ଷଣ ପ୍ରକ୍ରିୟାକୁ ଫଳପ୍ରଦ କରିବା ପାଇଁ ସମ୍ବଳର ସଦୁପଯୋଗ ଆବଶ୍ୟକ*
- *ସୂଚନା ଓ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ପାଇଁ ନେତୃତ୍ୱ*

## ସମ୍ବଳ

### ସମ୍ବଳ-୧ ବ୍ୟକ୍ତିଗତ ଭାବେ ଶିକ୍ଷକଙ୍କ ସହ ଆଲୋଚନା ପାଇଁ ସୂଚନାପତ୍ର

| | |
|---|---|
| ଶିକ୍ଷକଙ୍କ ନାମ | |
| ତାରିଖ | |
| ଶିକ୍ଷକ ଭାବେ ଆପଣଙ୍କର ସାମର୍ଥ୍ୟ କ'ଣ ? କେଉଁଥିରେ ଆପଣ ଭଲ ରୁଚୀ ପାରଙ୍ଗମ ? | |
| | |
| ଆପଣ କହିପାରିବେ ଯେ ଆମେ କେଉଁଟି ବିଦ୍ୟାଳୟରେ ବ୍ୟବହାର କରୁନାହୁଁ ? ଆପଣଙ୍କର କୌଣସି ସ୍ୱତନ୍ତ୍ର ଇଛା କିମ୍ବା ଦକ୍ଷତା ରହିଛିକି ? | |
| | |
| ଜଣେ ସଫଳ ଶିକ୍ଷକ ହେବା ରାସ୍ତାରେ କ'ଣ ପାଇଛ ? ଏହା ସହ ଆଉ କ'ଣ କରାଯାଇପାରିବ ? | |
| | |
| ଅନ୍ୟ କୌଣସି ତଥ୍ୟ | |
| ବିଦ୍ୟାଳୟ ମୁଖ୍ୟଙ୍କ ସ୍ୱାକ୍ଷର | |

### ସମ୍ବଳ୨ ଗଳ୍ପ କଥନ, ସଙ୍ଗୀତ, ଅଭିନୟ ଏବଂ ନାଟକ

ଶିକ୍ଷାର୍ଥୀମାନେ ଭଲଭାବେ ଶିଖନ୍ତି ଯେତେବେଳେ ସେମାନେ ସକ୍ରିୟ ହୋଇ ଅଂଶଗ୍ରହଣ କରନ୍ତି। ଗଳ୍ପ କଥନ, ସଙ୍ଗୀତ, ଅଭିନୟ ଏବଂ ନାଟକ ଭଳି କେତେକ ପଦ୍ଧତିକୁ ଆମ ପାଠ୍ୟକ୍ରମର ଏମିତିକି ଗଣିତ ଏବଂ ବିଜ୍ଞାନରେ ଉପଯୁକ୍ତ ଭାବରେ ବ୍ୟବହାର କରାଯାଇପାରିବ ।

## ଗଳ୍ପ କଥନ

ଗଳ୍ପ ଆମ ଜୀବନରେ ପଞ୍ଚ ଇନ୍ଦ୍ରିୟକୁ ବ୍ୟବହାର କରିବାରେ ସାହାଯ୍ୟ କରିଥାଏ । କେତେକ ପରମ୍ପରାଗତ ଗଳ୍ପ ଗୋଟିଏ ବଂଶରୁ ଅନ୍ୟ ବଂଶକୁ ବ୍ୟାପିତ । ଆମେ ଯେତେବେଳେ ଯୁବା-ବସ୍ଥାରେ ଉପନୀତ ହେଉ ସେତେବେଳେ ଆମକୁ ସେହି ଗଳ୍ପଗୁଡ଼ିକୁ କୁହାଯାଏ ଏବଂ ସମାଜର କେତେକ କର୍ତ୍ତବ୍ୟ ଏବଂ ମୂଲ୍ୟ ପାଇଁ ହିଁ ଆମର ଜନ୍ମ ବୋଲି ଆମକୁ ବୁଝାଯାଇଥାଏ ।

ଶ୍ରେଣୀଗୃହ ପାଇ ଗଳ୍ପଗୁଡ଼ିକ ଏକ ପ୍ରଭାବଶାଳି ମାଧ୍ୟମ ଅଟେ, ସେଗୁଡ଼ିକ ହେଉଛି:

- ଆନନ୍ଦଦାୟକ, ଆଗ୍ରହ ଉଦ୍ଦୀପକ ଏବଂ ଉତ୍ତେଜିତ
- ଆମର ଦୈନନ୍ଦିନ ଜୀବନକୁ ଏକ ଅବାସ୍ତବ ପୃଥିବୀ ଆଡ଼କୁ ନେବା
- ଆହ୍ୱାନଗୁଡ଼ିକୁ ସାମନା କରିବା
- ନୂତନ ତଥ୍ୟ ଚିନ୍ତା କରିବା ପାଇଁ ପ୍ରୋତ୍ସାହନ
- ଅନୁଭବକୁ ଆବିଷ୍କାର କରିବାରେ ସାହାଯ୍ୟ କରିବା
- ବାସ୍ତବତା ଠାରୁ ଭିନ୍ନ ଏବଂ କମ୍ ଭୟଥିବା ପରିସ୍ଥିତିରେ ସମସ୍ୟା ମାଧ୍ୟମରେ ଚିନ୍ତା କରିବାକୁ ସହାୟତା।

ଯେତେବେଳେ ଆପଣ ଗଳ୍ପ କହିବେ ନିଶ୍ଚିତ ହୁଅନ୍ତି ଯେ ସବୁ ପିଲାଙ୍କୁ ଦେଖିପାରୁଛନ୍ତି। ସେମାନେ ବହୁତ ଖୁସି ହେବେ, ଯଦି ଆପଣ ଭିନ୍ନ ଚରିତ୍ର ପାଇଁ ଭିନ୍ନ ଶବ୍ଦ ଏବଂ ଭିନ୍ନ ସ୍ୱର ତଥା କେତେବେଳେ ଧୀର କଥାବାର୍ତ୍ତା ତ ପରିସ୍ଥିତି ଅନୁଯାୟୀ ପୁଣି କେବେ ଚିତ୍କାର କରିପାରୁଥିବ। ଉଦାହରଣ ସ୍ୱରୂପ: ଗଳ୍ପର ମୁଖ୍ୟ ଘଟଣାବଳିକୁ ବାଖ୍ୟା କରିବାକୁ ହେଲେ ବହି ନ ଧରି ଆପଣଙ୍କୁ ମୌଖିକ ଭାବେ ନିଜ ଭାଷାରେ କହିବାକୁ ହେବ । ଯେତେବେଳେ ଆପଣ କୌଣସି ଏକ ଗଳ୍ପକୁ ଉପସ୍ଥାପନ କରିବାକୁ ଯାଉଛନ୍ତି, ଏହାର ଅଭିପ୍ରାୟକୁ ବର୍ଣ୍ଣନା କରିବା ପାଇଁ ନିଶ୍ଚିତ ରୁହନ୍ତୁ ଏବଂ ଶିକ୍ଷାର୍ଥୀଙ୍କୁ ସତର୍କ କରାଇବେ ଯେ ସେମାନେ ଏଥିରୁ କ'ଣ ଶିଖିବେ । ଆପଣ କେତେ ମୁଖ୍ୟ ଶବ୍ଦ ଭଣ୍ଡାରକୁ ପ୍ରଚଳନ କରିବାକୁ ଆବଶ୍ୟକ ମନେକରିପାରନ୍ତି କିମ୍ବା ସେମାନଙ୍କୁ ଗଳ୍ପର ଧାରଣା ଜଣାଇବା ପାଇଁ ସୂଚନା ପ୍ରଦାନ କରିପାରନ୍ତି । ଜଣେ ନିୟମିତ ଗଳ୍ପ କହୁଥିବା ବ୍ୟକ୍ତିଙ୍କୁ ଆଣିବାକୁ ଚିନ୍ତା କରିପାରନ୍ତି, ମାତ୍ର ମନେରଖିବାକୁ ହେବ ଯେ ଉଭୟ ଗାଳ୍ପିକ ଏବଂ ଶିକ୍ଷାର୍ଥୀ କ'ଣ ଶିଖିବେ ସେ ବାବଦରେ ସ୍ପଷ୍ଟ ହେବେ।

ଗଳ୍ପକଥନ ଦ୍ୱାରା ଶିକ୍ଷାର୍ଥୀଙ୍କ କାର୍ଯ୍ୟଧାରାକୁ କେବଳ ଶୁଣିବା ଅପେକ୍ଷା ଅଧିକ ଉଦବୁଦ୍ଧ କରିଥାଏ । ଗଳ୍ପରେ ଚିତ୍ରିତ ହୋଇଥିବା ସମସ୍ତ ଚରିତ୍ରକୁ ନୋଟ କରିବା ପାଇଁ, ଚିତ୍ର ଆଂକିବା, ମୁଖ୍ୟ ଘଟଣାକୁ ମନେ ପକେଇବା, ସଂଳାପ ସୃଷ୍ଟି କରିବା କିମ୍ବା ଶେଷ କରିବା ଇତ୍ୟାଦି କାର୍ଯ୍ୟ ସଂମ୍ପାଦନ ପାଇଁ ଶିକ୍ଷାର୍ଥୀଙ୍କୁ କହିବା । ସେମାନଙ୍କୁ ଦଳରେ ବିଭକ୍ତ କରାଯିବ ଏବଂ ଚିତ୍ର ଦିଆଯିବ କିମ୍ବା ଅନ୍ୟ କୌଣସି ସୂତ୍ରକୁ ଆଧାର କରି ଗଳ୍ପକୁ ପୁଣିଥରେ କହିବାର ସୁଯୋଗ ସୃଷ୍ଟି କରାଯିବ । ଏକ ଗଳ୍ପର ପର୍ଯ୍ୟାଲୋଚନା ଦ୍ୱାରା ଶିକ୍ଷାର୍ଥୀଙ୍କୁ ଗଳ୍ପର ମୁଖ୍ୟ ଘଟଣାକୁ ଚିହ୍ନଟ, ବୈଜ୍ଞାନିକ ଚିନ୍ତାଧାରାରେ କୌଣସି ଏକ ଘଟଣାରେ ଯୁକ୍ତି ଉପସ୍ଥାପନ, କିମ୍ବା ଗାଣିତିକ ସମସ୍ୟାର ସମାଧାନ କରିବା ପାଇଁ କହିବା ।

## ନାଟକ

ଅଧିକାଂଶ ଶିକ୍ଷାର୍ଥୀଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ପାଇଁ ଶ୍ରେଣୀଗୃହରେ ନାଟକର ପ୍ରଚଳନ ଏକ ଭଲ ଉପାୟ। ନାଟକ, ଦକ୍ଷତା ଏବଂ ଦୃଢ଼ ବିଶ୍ୱାସ ବୃଦ୍ଧି କରାଇଥାଏ ଏବଂ ତୁମର ଗୋଟିଏ ପାଠରୁ ଶିକ୍ଷାର୍ଥୀ କଣ ଶିଖିଲେ ତାହା ଆକଳନ କରିବା ପାଇଁ ତୁମେ ଏହାକୁ ବ୍ୟବହାର କରିପାରିବ। ଶିକ୍ଷାର୍ଥୀଙ୍କ ବୁଝିବାର ଧାରଣାକୁ ନେଇ ଏମିତି ଏକ ନାଟକ ପ୍ରସ୍ତୁତ ହୋଇପାରିବ ଯେ କିଭଳି ମସ୍ତିଷ୍କ କାର୍ଯ୍ୟ କରୁଛି

ଟେଲିଫୋନର ବ୍ୟବହାରକୁ ନେଇ ଯେପରିକି କିଭଳି ତଥ୍ୟ ମସ୍ତିଷ୍କରୁ କାନକୁ ଯାଉଛି, ଆଖିକୁ, ନାକ, ହାତ ଏବଂ ପାଟିକୁ ଏବଂ କିଭଳି ପୁଣିଥରେ ଫେରୁଛି। କିମ୍ବା ଶଙ୍କେପରେ, କୌତୁକିଆ ନାଟକ, ଭୁଲିଯାଉଥିବା ବିୟୋଗ ପକ୍ରିୟାର ଜଟିଳ ପରିସ୍ଥିତିର ସଠିକ ଉପାୟ ଶିକ୍ଷାର୍ଥୀଙ୍କ ମନରେ ସୃଷ୍ଟି କରିବା ପାଇଁ ସ୍ଥିର କରାଯାଇପାରିବ।

ନାଟକ, ଶ୍ରେଣୀରେ, ବିଦ୍ୟାଳୟ କିମ୍ବା ଅଭିଭାବକ ଏବଂ ଆଞ୍ଚଳିକ ସଭ୍ୟତାରେ ବାକି ରହୁଥିବା ସମସ୍ତଙ୍କ ପ୍ରଦର୍ଶନକୁ ବେଳେବେଳେ ବୃଦ୍ଧି କରିଥାଏ। ଏହି ଲକ୍ଷ୍ୟ, ଶିକ୍ଷାର୍ଥୀଙ୍କୁ ଆଗକୁ କିଛି କରିବା ପାଇଁ ଏବଂ ସେମାନଙ୍କୁ ପ୍ରାରଣା ଯୋଗାଇଥାଏ। ଶ୍ରେଣୀର ସମସ୍ତ ଶିକ୍ଷାର୍ଥୀ ଏକ ସଂମ୍ପୂର୍ଣ୍ଣ ସୃଜନ ଶକ୍ତି ସମ୍ପନ୍ନ ନାଟକ ପ୍ରସ୍ତୁତିରେ ଭାଗ ନେବା ଉଚିତ୍। ସାମର୍ଥ୍ୟରେ ଥିବା ଭିନ୍ନତାକୁ ବିଚାରକୁ ନେବା ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ। ସମସ୍ତେ ଜଣେ ଜଣେ କଳାକାର ହୋଇପାରିବ ନାହିଁ, ଶିକ୍ଷାର୍ଥୀ ଅନ୍ୟ ଉପାୟରେ କିଛି କରିପାରିବେ ଯାହାକି ସେମାନଙ୍କର ବ୍ୟକ୍ତିତ୍ୱ ଏବଂ ସାମର୍ଥ୍ୟକୁ ସମ୍ପର୍କିତ କରୁଥିବ। ଏହା ଚିନ୍ତା କରିବା ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ଯେ କାହିଁକି ତୁମେ ତୁମର ଶିକ୍ଷାର୍ଥୀଙ୍କ ଶିକ୍ଷଣ ପାଇଁ ନାଟକ ବ୍ୟବହାର କରୁଛ। ଏହା କ'ଣ ଭାଷା ଜନିତ ଜ୍ଞାନ ଯଥା ପ୍ରଶ୍ନ ପଚାରିବା ଏବଂ ଉତ୍ତର ଦେବା, ବିଷୟଭିତ୍ତିକ ଜ୍ଞାନ, ଯଥା ପରିବେଶ ବିଜ୍ଞାନର ପ୍ରଭାବ କିମ୍ବା ସ୍ୱତନ୍ତ୍ର ଦକ୍ଷତା ଯେପରିକି ଦଳଗତ କାର୍ଯ୍ୟର ବିକାଶ କରୁଛି ? ପ୍ରଦର୍ଶନର ଲକ୍ଷ୍ୟ ହାସଲ କରିବାକୁ ଯାଇ ନାଟକରେ ଥିବା ଶିକ୍ଷଣ ପରିସ୍ଥିତିକୁ ନଷ୍ଟ ନକରିବା ପାଇଁ ସାବଧାନ ରହିବା ଉଚିତ୍।

ଶ୍ରେଣୀରେ ଅଭିନୟଟି ହେବା ଉଚିତ କିମ୍ବା ଶିକ୍ଷାର୍ଥୀମାନେ ଛୋଟ ଛୋଟ ଦଳରେ କାର୍ଯ୍ୟ କରିବେ ଯାହାଦ୍ୱାରା କୌଣସି ଦଳ କେବଳ ଦେଖିବ ନାହିଁ। ମନେରଖଯେ ଏହି କାର୍ଯ୍ୟର ମୂଳ ଲକ୍ଷ୍ୟ ହେଉଛି ଅଭିନୟ କରିବାର ଅଭିଜ୍ଞତା ଏବଂ କିପରି ଏହାର ଉପସ୍ଥାପନ ହେଉଛି, ନିଖୁଣ ଅଭିନୟ ତୁମର ଲକ୍ଷ୍ୟ ନୁହ କିମ୍ବା ବଲିଉଡ଼ର କଳାକାର ପୁରସ୍କାର ପାଇଁ ଉଦିଷ୍ଟ ନୁହେଁ । ଗଣିତ ଓ ବିଜ୍ଞାନରେ ମଧ୍ୟ ଅଭିନୟ ବ୍ୟବହାର କରି ହେବ। ଶିକ୍ଷାର୍ଥୀ ଅଣୁର ବ୍ୟବହାର ବିଭିନ୍ନ ଦ୍ରବ୍ୟର ପ୍ରତ୍ୟେକ ଜିନିଷର ଲକ୍ଷଣ ଓ ପରସ୍ପର ମଧ୍ୟରେ ହେଉଥିବା ଧକ୍କା ସମ୍ପର୍କରେ ମଡ଼େଲ କରିପାରିବେ, କିମ୍ବା ଉପ ଏବଂ ଆଲୋକର ପ୍ରଭାବ ଦର୍ଶାଇପାରିବେ। ଗଣିତରେ, ଶିକ୍ଷାର୍ଥୀ କୋଣ ଏବଂ ଅବସ୍ଥାର ଚିହ୍ନଟ ଅଭିନୟ ମାଧ୍ୟମରେ ପ୍ରଦର୍ଶିତ ହୋଇପାରିବ, ଯାହାଦ୍ୱାରା ସେମାନଙ୍କର ଗୁଣାବଳୀ ପ୍ରକଟ ହେବ।

## ସମ୍ୱଳ-୩ ଶ୍ରେଣୀଗୃହରେ କ୍ରିୟାତ୍ମକ ଗବେଷଣାର ପ୍ରଚଳନ

ବେନ ଗୋଲଦକରେ (୨୦୦୩) ରେ ଯୁକ୍ତି ବାଢ଼ିଥିଲେ ଯେ ଶିକ୍ଷକତା ପ୍ରମାଣ ଭିତ୍ତିକ ବୃତି ହେବା ଆବଶ୍ୟକ ଏବଂ ଏହା ଶିକ୍ଷାର୍ଥୀମାନଙ୍କର ଫଳାଫଳାକୁ ବୃଦ୍ଧି କରିବାରେ ସାହାଜ୍ୟ କରିବ। ପ୍ରକୃତରେ ସେ ଉପଦେଶ ଦେଇଥିଲେ ଯେ ସମାଜରେ ପରିବର୍ତ୍ତନ ଆବଶ୍ୟକ, ଯେଉଁଠି ଶିକ୍ଷକ ଏବଂ ରାଜନୈତିକ ନେତାମାନେ ଅନୁଭବ କରିବା ଉଚିତ ଯେ ଆମେ ଜାଣିବା ପାଇଁ ଆବଶ୍ୟକମନେ କୁନରହିଁ ତଥ୍ୟ କେଉଁ କାର୍ଯ୍ୟଟି ବହୁତ ଭଲ ଆମେ କେତେକ କାର୍ଯ୍ୟ ପାଇଁ ପ୍ରମାଣ ଆବଶ୍ୟକ କରୁ।

ତଥ୍ୟ ହେଉଛି ପ୍ରମାଣ ଭୀତିକ ଅଭ୍ୟାସ ଏକ ଭଲ କାର୍ଯ୍ୟ ଏବଂ ଯେଉଁ ପରିବର୍ତ୍ତନର ଆଭାସ ଗୋଲଦକରେ ଦେଇଥିଲେ ତାହାକୁ ଶିକ୍ଷକମାନେ ସେମାନଙ୍କର ନିଜର ଅଭ୍ୟାସ ବଳରେ ଗବେଷଣା କାର୍ଯ୍ୟ କରିପାରିବେ। ବାସ୍ତବରେ ଯେଉଁ ବିଦ୍ୟାଳରେ ଦୃଢ଼ ଭାବେ ଗବେଷଣା କାର୍ଯ୍ୟ ଚାଲୁ ଅଛି, ସେଠାରେ ବିଦ୍ୟାଳୟର ଉନ୍ନତି ପାଇଁ ଏହାର କିଛି ଅବଦାନ ଜଣାପଡ଼ିବା ଆବଶ୍ୟକ।


ଜଣେ ଶିକ୍ଷକ ଭାବେ ତୁମେ ନିଜ ଶ୍ରେଣୀରେକୌଣସି ଗୋଟିଏ ପାଠର ଗ୍ରହଣ ଏହା ଏକ କ୍ଷୁଦ୍ର ଆକାରର ଏବଂ ସ୍ୱଳ୍ପକାଳୀନ ଏହି ଏହି ପ୍ରସଙ୍ଗରେ କ୍ରିୟାତ୍ମକ ଗବେଷଣାର ଉପାୟ ଠିକ୍ ଭାବେ କାର୍ଯ୍ୟ କରୁଥିବ। କ୍ରିୟାତ୍ମକ ଗବେଷଣାରେ ପେଶାଦାରୀ ଶିକ୍ଷକ କ୍ରିୟାତ୍ମକ ସେମାନଙ୍କର ଅନୁସନ୍ଧାନ କାର୍ଯ୍ୟ ଏକ ଉନ୍ନତି ଲକ୍ଷ୍ୟ ରଖି କରନ୍ତି।

କ୍ରିୟାତ୍ମକ ଗବେଷଣା ନିମ୍ନୋକ୍ତ ସୋପାନରେ ହୋଇଥାଏ:

- ଏକ ସମସ୍ଯାର ଚିହ୍ନଟ, ଯେଉଁଥିରେ ତୁମେ ଶ୍ରେଣୀରେ ସମାଧାନ କରିବାକୁ ଚାହୁଁଚ, ଏହାନିହାତି କେତେକ ବିଶେଷ ଦିଗକୁ ସୂଚାଉଛି ଯେପରିକି କାହିଁକି କେତେକ ପିଲାମାନେ ପ୍ରଶ୍ନର ଉତ୍ତର ଦେଇପାରୁନାହାନ୍ତି, କିମ୍ବା କେଉଁ ଦୃଷ୍ଟି କୋଣରୁ ତୁମର ବିଷୟଟି କଷ୍ଟ ଲାଗୁଛି କିମ୍ବା ଅନିଚ୍ଛୁକ କିମ୍ବା ସାଧାରଣରେ କିପରି ଏକ ଦଳଗତ କାର୍ଯ୍ୟ ସୂଚାରୁ ରୂପେ କରାଯାଇପାରିବ ।

- ଅଭିପ୍ରାୟର ସଜ୍ଞା ଏବଂ କ'ଣ ପ୍ରତିବନ୍ଧକ ଅଛି ଯାହାକୁ ସ୍ୱଷ୍ଟ କରିବାକୁ ହେବ, ଏହାର ସାହିତ୍ୟ କ'ଣ ଅଛି ତାହା ଜାଣିବା ଆବଶ୍ୟକ ଏବଂ ଏହି ଘଟଣାରେ ପୂର୍ବରୁ କ'ଣ ଜଣା ଅଛି ତାହାକୁ ବାହାର କରିବା ଆବଶ୍ୟକ ।
- ଏକ ଘଟଣାର ପ୍ରତିବନ୍ଧକକୁ ଦୂରକରିବା ପାଇଁ ଏକ ଯୋଜନା ପ୍ରସ୍ତୁତ
- ଆନୁଭବିକ ତଥ୍ୟର ସଂଗ୍ରହ ଏବଂ ଏହାର ଅନୁଶୀଳନ
- ଅନ୍ୟ ଏକ ପ୍ରତିବନ୍ଧକ ପାଇଁ ଯୋଜନା: ତୁମେ କ'ଣ ପାଇଲ ତାହା ଉପରେ ଏହା ପର୍ଜ୍ୟବେଶିତ ଏବଂ ଏଭଳି ଭାବେ ପ୍ରସ୍ତୁତ ହେବା ଉଚିତ ଯେ ତୁମେ ପରେ ପୁଣି ଥରେ ଏହି ସମସ୍ୟାକୁ ବୁଝିପାରିବ, ଯଦି ତୁମେ କିଛି ନୂତନ ତଥ୍ୟ ବାହର କର।

କ୍ରିୟାତ୍ମକ ଗବେଷଣା ଏକ ଚକ୍ରାକାର ପ୍ରକ୍ରିୟା। ଯଦିଓ ପ୍ରତିବନ୍ଧକ ଏବଂ ଅନୁଶୀଳନର ପୁନରାବୃତି ଘଟିଥାଏ, ତୁମେ କିନ୍ତୁ ସମସ୍ୟାକୁ ବୁଝିବା ଆବଶ୍ୟକ ଏବଂ ଆସା ରଖିବା ଉଚିତ ଯେ ତୁମେ ଏଥିରେ କିଛି କରିପାରିବ।





ଚିତ୍ର ୩.୧ କ୍ରିୟାତ୍ମକ ଗବେଷଣାର ଚକ୍ରାକାର ପ୍ରକ୍ରିୟା

ଆପଣ ମନେ କରୁଥିବା ପ୍ରଶ୍ନର ଉତ୍ତର ଦେବା ପାଇଁ ସ୍ଥିର କରିଥିବ ଏବଂ ଆପଣ ଚାହୁଁଥିବ ଉପାୟ ନେଇପାରିବ, ଆପଣ କିଛି ତଥ୍ୟ ସଂଗ୍ରହ କରିପାରିବ ଯାହାକି ଆପଣଙ୍କୁ ଆପଣଙ୍କର ପ୍ରଶ୍ନର ଉତ୍ତର ପାଇବା ପାର୍ଇ ସାହାଜ୍ୟ କରିବ । ଏଠାରେ ତିନୋଟି ମୁଖ୍ୟ ଉପାୟ ଦିଆଯାଇଛି ଯାହାଦ୍ୱାରା ତଥ୍ର ସଂଗ୍ରହ କରିପାରିବ ।

- କାମ କରୁଥିବା ଲୋକଙ୍କୁ ପର୍ଯ୍ୟବେକ୍ଷଣ କର
- ପ୍ରଶ୍ନ ପଚାର (ସର୍ଭେ ମାଧ୍ୟମରେ କିମ୍ୱା ଲୋକମାନଙ୍କ ସହ କଥାବାର୍ତ୍ତା କରି)
- କାଗଜ ପତ୍ରର ବିଶ୍ଳେଷଣ

ଚିତ୍ର ସ ୩.୨ ବିଭିନ୍ନ ପ୍ରକାର ତଥ୍ୟ ସଂଗ୍ରହର ସାଧାରଣ ସମୀକ୍ଷା




ଚିତ୍ର ୩.୨ ବିଭିନ୍ନ ପ୍ରକାର ତଥ୍ୟ ସଂଗ୍ରହର ସାଧାରଣ ସମୀକ୍ଷା

ଆପଣ ପାଇଥିବା ତଥ୍ୟରେ ଦୃଢ଼ ନିଶ୍ଚିତ ହେବାକୁ ହେଲେ ବିଭିନ୍ନ ସୂତ୍ରରୁ ପାଇଥିବା ତଥ୍ୟର ପ୍ରମାଣ ଆବଶ୍ୟକ। ସମସ୍ତ ଉପାୟର କିଛି ଉପାଦେୟତା ଏବଂ ଅସାମର୍ଥ୍ୟ ଅଛି, ତୁମକୁ ନିଶ୍ଚିତ ହେବାର ଅଛି ଯେ ତୁମେ ଏମିତି ଏକ ଉପାୟରେକାର୍ଯ୍ୟ କରିବା ଯେଉଁଥିରେ ଆପଣ ଅସାମର୍ଥ୍ୟକୁ କମ କରିପାରିବ।

ତୁମେ ସଂଗ୍ରହ କରିଥିବା ତଥ୍ୟର ଉଭୟ ବିଧିସିଦ୍ଧତା ଏବଂ ନିର୍ଭରଯୋଗ୍ୟତା ବିଷୟରେ ଚିନ୍ତା କରିବା ଉଚିତ । ଯଦି କିଛି ବିଧିସିଦ୍ଧତା ଅଛି ତେବେ ଏହା ସୂଚାଉଛି ଯେ ଏଥିରେ ସତ୍ୟତା ରହିଛି । ବିଧିସିଦ୍ଧତା ଜାଣିବା ପାଇଁ ନିମ୍ନଲିଖିତ ପ୍ରଶ୍ନ ପଚାରିବା ଦରକା:

- ମିଳିଥିବା ଫଳକୁ ସାର୍ବଜନୀନ କରିହେବକି ? ଯେକେହି ତୁମର ଗବେଷଣା ସମ୍ବନ୍ଧରେ ଶୁଣିବ କିମ୍ବା ପଢ଼ିବ, ଅଭିଜ୍ଞତା ଅନୁସାରେ ନିଶ୍ଚିତଭାବେ ଭାବିବ, ତେବେ ଏହା ଯଥାର୍ଥ ଏବଂ ଯୁକ୍ତିଯୁକ୍ତ ଭଳି ଦେଖାଯାଏ।
- ଶେଷ ନିଷ୍ପତ୍ତି ନେବାରେ ତଥ୍ୟ ସାହାଜ୍ୟ କରିବ ? ଏହା ସମ୍ଭବ ଯଦି ତଥ୍ୟ ଗୁଡ଼ିକ ଅନେକଗୁଡ଼ିଏ ସୂତ୍ରରୁ ଦୀର୍ଘ ସମୟ ପାଇଁ ସଂଗ୍ରହ କରାଯାଇଥିବା କିମ୍ବା ମିଳିଥିବା ଫଳ ଯୋଗଦାନକାରୀଙ୍କ ଦ୍ୱାରା ସଂଶୋଧନ କରାଯାଇଥିବ।
- ପ୍ରଶ୍ନାବଳୀ କିମ୍ବା ସାକ୍ଷାତକାରର ପ୍ରଶ୍ନଗୁଡ଼ିକ ଗବେଷଣାର ପ୍ରଶ୍ନ ସହିତ ସଂଯୁକ୍ତ ଅଟେ କି ?

ନିର୍ଭରଯୋଗ୍ୟତା ଏକ କଷ୍ଟ ଧାରଣା, ଯେହେତୁ ଏହାକୁ ବାରମ୍ୱାର ଏବଂ ପ୍ରତିରୂପତା ଭାବେ କରିବାକୁ ପଡୁଛି। ନିର୍ଭରଯୋଗ୍ୟତା ବାସ୍ତବ ଜୀବନ ସହ ଆନୁଗତ୍ୟ, ସତ୍ୟତା, ସର୍ବେକ୍ଷନରେ ଉତ୍ତର ଦେବା ବ୍ୟକ୍ତିର ତାତ୍ପର୍ଯ୍ୟ ସହ ଜଡ଼ିତ। କୋହେନ ଓ ସହକର୍ମୀ (୨୦୦୩)ରେ ଜଣାଇଲେ ଯେ ଧାରଣାର ନିର୍ଭରଯୋଗ୍ୟତା ଏଭଳି ଭାବେ ପ୍ରସ୍ତୁତ ହେବା ଉଚିତ ଯେ "ନିର୍ଭରଯୋଗ୍ୟତା" ଏବଂ ନିର୍ଭରଯୋଗ୍ୟତାର ହାସଲ କେତେକ କାରକ ଯଥା ଅନେକ ତଥ୍ର ସଂଗ୍ରହ ମିଳିଥିବା ଫଳାଫଳକୁ ଯୋଗଦାନକାରୀଙ୍କ ଦ୍ୱାରା ସଂଶୋଧନ ଏବଂ ଗୋଟିଏ ପ୍ରକାର ତଥ୍ୟ ଅନେକ ସୂତ୍ରରୁ ମିଳୁିଥିବାରୁ ପ୍ରମାଣକୁ ଦେଖିବା ଉପରେ ପର୍ଯ୍ୟବେସିତ।

## ସମ୍ବଳ ୪: ଆପଣଙ୍କ ଶିକ୍ଷଣ ଯୋଜନା

| ଶିକ୍ଷକଙ୍କ ନାମ | | | |
|---|---|---|---|
| ତାରିଖ | | | |
| **Identified need or underused skill** | **How need will be met** | **Who involved** | **By when** |
| | | | |
| **Any other notes** | | | |
| **Signature of school leader** | | | |

# Additional resources

10 professional development ideas for teachers': http://www.theguardian.com/teacher-network/teacher-blog/2013/oct/22/teacher-professional-development-school-advice

Learning to teach: an introduction to classroom research, an Open University OpenLearn unit: http://www.open.edu/openlearn/education/learning-teach-introduction-classroom-research/content-section-0

'How principles can grow teacher excellence' by Mariko Norobi: http://www.edutopia.org/stw-school-turnaround-principal-teacher-development-tips

'What is teacher development?' by Linda Evans: http://www.education.leeds.ac.uk/assets/files/staff/papers/What-is-teacher-Development.pdf

'Theories on and concepts of professionalism of teachers and their consequences for the curriculum in teacher education' by Marco Snoek: http://kennisbank.hva.nl/document/477245

# References/bibliography

Ball, A.F. (2009) 'Toward a theory of generative change in culturally and linguistically complex classrooms', American Educational Research Journal, vol. 46, no. 1, pp. 45–72.

Borko, H. (2004) 'Professional development and teacher learning: mapping the terrain', Educational Researcher, vol. 33, no. 8. Available from: http://www.aera.net/uploadedFiles/Journals_and_Publications/Journals/Educational_Researcher/Volume_33_No_8/02_ERv33n8_Borko.pdf (accessed 30 July 2014).

Cohen, L., Manion, L. and Morrision, K. (2000) Research Methods in Education. London: RoutledgeFalmer.

Day, C. (1993) 'reflection: a necessary but not sufficient condition for professional development', British Educational Research Journal, vol. 19, no. 1, pp. 83–93.

Eraut, M. (2004) 'Informal learning in the workplace', Studies in Continuing Education, vol. 26, no. 2, pp. 247–73.

Goldacre, B. (2013) 'Building evidence into education' (online), March. Available from: http://dera.ioe.ac.uk/17530/1/ben%20goldacre%20paper.pdf (accessed 20 November 2014).

Haigh, N. (2005) 'Everyday conversation as a context for professional learning and development', International Journal for Academic Development, vol. 10, no. 1.

Hudson, P., Usak, M. and Savran-Gencer, A. (2013) 'Employing the five-factor mentoring instrument: analysing mentoring practices for teaching primary science', European Journal of Teacher Education, vol. 32, no. 1, pp. 63–74.

Learning to teach: an introduction to classroom research, Open University OpenLearn unit. Available from: http://www.open.edu/openlearn/education/learning-teach-introduction-classroom-research/content-section-0 (accessed 22 October 2014).

National Council of Educational Research and Training (2005) National Curriculum Framework, National Council of Educational Research and Training. Available from: http://www.ncert.nic.in/rightside/links/pdf/framework/english/nf2005.pdf (accessed 25 September 2014).

National University of Educational Planning and Administration (2014) National Programme Design and Curriculum Framework. New Delhi: NUEPA. Available from: https://xa.yimg.com/kq/groups/15368656/276075002/name/SLDP_Framework_Text_NCSL_NUEPA.pdf (accessed 14 October 2014).

Ulvik, M. and Sunde, E. (2013) 'The impact of mentor education: does mentor education matter?', Professional Development in Education, vol. 39, no. 5, pp. 754–70.

Zwarta, R.C., Wubbelsb, T., Bergena, T.C.M. and Bolhuisc, S. (2007) 'Experienced teacher learning within the context of reciprocal peer coaching', Teachers and Teaching: Theory and Practice, vol. 13, no. 2, pp. 165–87. Available from: http://expertisecentrumlerenvandocenten.nl/files/TTTP_collegiale_coaching_0.pdf (accessed 2 August 2014).

# Acknowledgements

This content is made available under a Creative Commons Attribution-ShareAlike licence (http://creativecommons.org/licenses/by-sa/3.0/), unless identified otherwise. The licence excludes the use of the TESS-India, OU and UKAID logos, which may only be used unadapted within the TESS-India project.

Every effort has been made to contact copyright owners. If any have been inadvertently overlooked the publishers will be pleased to make the necessary arrangements at the first opportunity.

Video (including video stills): thanks are extended to the teacher educators, headteachers, teachers and students across India who worked with The Open University in the productions.